ଚିତ୍ତ ଚିନ୍ତାମଣି

ଆଧ୍ୟାତ୍ମିକ ପଣ୍ଡିତ ଶ୍ରୀ କୀର୍ତ୍ତନବିହାରୀ ଆଚାର୍ଯ୍ୟ

Digitized by srujanika@gmail.com

ଚଉ ଚିନ୍ତାମଣି କାବ୍ୟ

ଆଧୁନିକ ଯୁଗର ଉପଲବ୍ଧ ଭଞ୍ଜ ଉପାଧିପାତ୍ର

ଆଧ୍ୟାତ୍ମିକ ଶ୍ରେଷ୍ଠ କବି

ଶ୍ରୀ କୀର୍ତ୍ତନବିହାରୀ ଆଚାର୍ଯ୍ୟ

ମୂଲ୍ୟ—ଟ ୦-୭୫

Digitized by srujanika@gmail.com

ପ୍ରକାଶକ
ଆଧ୍ୟାତ୍ମିକ ପଣ୍ଡିତ କବି
ଶ୍ରୀ କୀର୍ତ୍ତିନବବିହାରୀ ଆଚାର୍ଯ୍ୟ
ଗ୍ରାମ/ପୋ. ଅ. ବାସୁଗଡ଼ିଆ
ଥାନା—ସୁକନ୍ଦା
ଜି: କଟକ

ସାଂସ୍କୃତିକ ବିଭାଗ ଓଡ଼ିଶା ତରଫରୁ ସାହାଯ୍ୟ
ଟ ୫୦୦-୦୦

ପ୍ରଥମ ମୁଦ୍ରଣ—୧୦୦୦
ସନ୍ ୧୯୮୦ ମସିହା

ମୁଦ୍ରାକର—
ଶ୍ରୀ ରାମଚନ୍ଦ୍ର କର
ସାରସ୍ୱତ ପ୍ରେସ, କଟକ-୧

Digitized by srujanika@gmail.com

ଘଟେ

ବର୍ତ୍ତମାନ ଦେଶର ପରିସ୍ଥିତି ବଡ଼ ଜଟିଳ ହୋଇ ପଡ଼ିଲେ ଗତି କରୁଛି । ତାର ଏକମାତ୍ର କାରଣ ହେଉଛି ଜନ ସମାଜ ବିଶୃଙ୍ଖଳ । ବିଶୃଙ୍ଖଳାର ଏକମାତ୍ର କାରଣ ଅଧ୍ୟାତ୍ମବିଦ୍ୟାର ଅଭାବ । ଗୃହ ବିଶୃଙ୍ଖଳ, ଜାତୀୟ ବିଶୃଙ୍ଖଳ, ଶାସନ କ୍ଷେତ୍ରରେ ସମ୍ବିଧାନ ପ୍ରଣୀତ ଆଇନର ଅମାନ୍ୟତା । ଶିକ୍ଷା, ସ୍ୱାସ୍ଥ୍ୟ, ଭୋଜନ, ବସ୍ତ୍ର ସମସ୍ତ କ୍ଷେତ୍ରରେ ଲଗାମ ବିହୀନ ଘୋଡ଼ାର ଉଦ୍ଦଣ୍ଡ ଗତିର ସ୍ୱେଚ୍ଛାଚାରିତା । ଏସବୁ କ୍ଷେତ୍ରର ମୂଳ ହେଉଛି ଅଧ୍ୟାତ୍ମବିଦ୍ୟାର ଅଭାବ । ମନୁଷ୍ୟ ଚିଲେଟେଲେ ଦମ୍ଭଧାର୍ତ୍ତି ନେଲେ ଅସତ୍ ଉପାୟ ହେଉ ବା ସତ୍ ଉପାୟରେ ହେଉ, ଯେତେ ଧନ ଉପାର୍ଜ୍ଜନ କରନ୍ତୁ ସେସବୁ ଧନର ଶାନ୍ତି ସାଙ୍ଗରେ କୌଣସି ସମ୍ପର୍କ ନାହିଁ । ଫଳସ୍ୱରୂପେ ଶାନ୍ତି ଧନ ଟଙ୍କାରେ କେହି ପାଇବ ନାହିଁ । ଅଧ୍ୟାତ୍ମବିଦ୍ୟା ଅଭାବ ଯୋଗୁଁ ଲୋଭ, ମୋହ, କାମ, କ୍ରୋଧ, ଅହଙ୍କାର ସ୍ୱାର୍ଥ ଓ ବିଭ୍ରମ, ବୁଦ୍ଧି ନାଶ ତା'ପରେ ସବୁ, ହିଂସା ବୃଦ୍ଧି ଓ ବିପଥଗାମୀ ହୁଅନ୍ତି । ଏହି ରତ୍ନ ଚିନ୍ତାମଣି କାର୍ଯ୍ୟଟି କେବଳମାତ୍ର ଅଧ୍ୟାତ୍ମବିଦ୍ୟା ଓ ସାଧନର ସଖା ଅଟେ । ଏହି ବିଦ୍ୟାର ଆଶ୍ରୟ ଦ୍ୱାରା ଜନସମାଜ ନିଶ୍ଚୟ ସୁଶୃଙ୍ଖଳ

Digitized by srujanika@gmail.com

ଜନଲାଭ କରିବ । ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ଉକ୍ତ କାବ୍ୟଟିକୁ ପାଠକରି ଯେଉଁ ଜ୍ଞାନୀ, ପଣ୍ଡିତ, ରାଜନୈତିକ ବରିଷ୍ଠ ବ୍ୟକ୍ତିମାନେ ବହୁ ସନ୍ତୋଷ ଲାଭକରି ପ୍ରଶଂସାପତ୍ରମାନ ଦାନ କରିଛନ୍ତି ସେ ମହାନ୍ ବ୍ୟକ୍ତିମାନଙ୍କର ଉତ୍ତରୋତ୍ତର ଉନ୍ନତି ନିମନ୍ତେ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରେ ।

ପ୍ରକାଶ ଥାଉକି, ଓଡ଼ିଶା ସରକାରଙ୍କର ସଂସ୍କୃତି ବ୍ୟାପାର ବିଭାଗରୁ ଟ୫୦୦ଙ୍କା ସାହାଯ୍ୟ ଦାନ କରିଥିବାରୁ ତାଙ୍କୁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜ୍ଞାପନ କରୁଅଛୁ ।

— ଲେଖକ

Digitized by srujanika@gmail.com



ତ୍ରେିଢ ଶ୍ରୀ କର୍ତ୍ତନ ଚଦ୍ୱାଶ ଆସ୍ତୁର୍ଯ୍ୟ

Digitized by srujanika@gmail.com

କାଳୀବଜାର, କଟକ

ବିଶ୍ୱନାଥ ଦାସ ତା ୧୯ । ୧୦ । ୮୧

ଅଖିଳ ଭାରତ ଲୋକସେବକ ମଣ୍ଡଳର ଭୂତପୂର୍ବ ସଭାପତି, ଉତ୍ତରପ୍ରଦେଶର ଭୂତପୂର୍ବ ରାଜ୍ୟପାଳ ଓ ଓଡ଼ିଶାର ଭୂତପୂର୍ବ ମୁଖ୍ୟମନ୍ତ୍ରୀ

ପଣ୍ଡିତ ଶ୍ରୀ କାର୍ତ୍ତିକ ଓହାସ୍ତ ଆଚାର୍ଯ୍ୟ ଜଣେ ପ୍ରତିଷ୍ଠିତ ସମାଜସେବୀ, ସାଧକ । ତାଙ୍କର ଆଧ୍ୟାତ୍ମବାଦର ଷସାରତତ୍ତ୍ୱରେ ଗଭୀର ବିଶ୍ୱାସ ରହିଛି । ତାଙ୍କର ଏହି ଲେଖା ବୈଜ୍ଞାନିକ ଚିନ୍ତାଧାରାର ପ୍ରତିଫଳନ ମଧ୍ୟ । ପଣ୍ଡିତ ମହାଶୟଙ୍କ ଲେଖା ଆମ୍ଭମାନଙ୍କର ପ୍ରାଚୀନ ଭାଷାତତ୍ତ୍ୱର ଆଦର୍ଶ ଓ ଉଜ୍ଜ୍ୱଳ ପଥ ଗୁଡ଼ ନାହିଁ । ସେହି ଆଶ୍ରୟରେ ତାଙ୍କର ବର୍ତ୍ତମାନ ଲେଖା 'ତନ୍ତ୍ର ଚିନ୍ତାମଣି' ପୁସ୍ତକ ଖଣ୍ଡିଏ ଲେଖାଯାଇଛି । ଏପରି ଲେଖା ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରିଛି । ଏ ଗୋଟିଏ ନୂତନ ଧରଣର ଦାବୀ । ମୁଁ ଭାଷାଜ୍ଞାନୀ ହେଲେ ହେଁ ପ୍ରାଚୀନ ଭାଷା ତତ୍ତ୍ୱ ଏବଂ ଗଭୀରତତ୍ତ୍ୱ ବିଶାରଦ ପ୍ରାଚୀନ ଲେଖକମାନଙ୍କ ଆଶ୍ରୟ ନେଇ ଲେଖାଯାଇଥିବା ଗ୍ରନ୍ଥ ଓ ଶାସ୍ତ୍ର ପ୍ରତି ମୋର ଗଭୀର ସ୍ନେହ ଓ ସମ୍ମାନ ରହିଛି । ପଣ୍ଡିତ ମହାଶୟଙ୍କର ଏହି 'ତନ୍ତ୍ର ଚିନ୍ତାମଣି' ପୁସ୍ତକଟି ସର୍ବତ୍ର ଆଦରଣୀୟ ହେବ ବୋଲି ମୁଁ ବିଶ୍ୱାସ କରୁଛି । ମୋର ମଧ୍ୟ ବିଶ୍ୱାସ ଏହା ପାଠକମାନଙ୍କର ଉପଯୋଗୀ ଓ ଆଦରର ସ୍ଥାନ ନେଉ । ଭଞ୍ଜ ସାମନ୍ତ ସିଂହାର ଓ

Digitized by srujanika@gmail.com

କବିସୂର୍ଯ୍ୟ ପ୍ରଭୃତି କବିଙ୍କ ବର୍ତ୍ତମାନଙ୍କର ଆଦର୍ଶରେ କରିଥିବା ପୁସ୍ତକଟି ବିଶେଷ ଉପାଦେୟ ହୋଇଛି ବୋଲି ମୋର ଧାରଣା । ଉପେନ୍ଦ୍ର ଭଞ୍ଜ ପ୍ରଭୃତି କବିଙ୍କ କବିମାନେ 'ବ' 'କ' ପ୍ରଭୃତି ଗୋଟିଏ ମୂଳ ଅକ୍ଷର ଅନୁପ୍ରାସରେ କାବ୍ୟ ରଚନା କରିଅଛନ୍ତି । କିନ୍ତୁ ପଣ୍ଡିତ ମହାଶୟ ପ୍ରତି ଶବ୍ଦ ମୂଳରେ ଯେଉଁ ଅକ୍ଷରର ପଦ ଆରମ୍ଭ ସେହି ଅକ୍ଷର ପ୍ରତି ଶବ୍ଦ ମୂଳରେ ରଖି କାବ୍ୟ ରଚନା କରିଥିବାରୁ ଭଞ୍ଜୀୟ ଯୁଗର କବିତାଠାରୁ ଶ୍ରେଷ୍ଠ ବିବେଚିତ ହୋଇଅଛି । ପଣ୍ଡିତ ମହାଶୟଙ୍କର ଲେଖନୀ ସୁଦୃଢ଼ ହେଉ, ଏହା ହିଁ ମୋର କାମନା ।

ବିଶ୍ୱନାଥ ଦାସ

ଅଭିମତ

ଗଙ୍ଗାଧର ମହାପାତ୍ର, ମନ୍ତ୍ରୀ — ଭୁବନେଶ୍ୱର
ଶିକ୍ଷା ଓ ଯୁବକଲ୍ୟାଣ ବିଭାଗ, — ତା ୨୦।୧୦।୧୯୮୧
ଓଡ଼ିଶା

ପଣ୍ଡିତ ଶ୍ରୀ ଜୀବନ ବହାଗ ଆଚାର୍ଯ୍ୟଙ୍କର ‘ଚଉ ଚନ୍ତାମଣି’ କାବ୍ୟର ପାଣ୍ଡୁଲିପିଟି ପଢ଼ି ଖୁସିହେଲି । ପୂର୍ବର କଥା, ଆମ ଓଡ଼ିଶାରେ ଭଞ୍ଜ, ସାମନ୍ତସିଂହାର, ଘନକୃଷ୍ଣ ଦାସ ପ୍ରଭୃତି କବିମାନେ 'ବ' 'କ' ମୂଳ ଅନୁପ୍ରାସରେ କାବ୍ୟ ରଚନା କରି ଯାଇଛନ୍ତି । କିନ୍ତୁ

Digitized by srujanika@gmail.com

ପଣ୍ଡିତ ମହାଶୟ ନୂତନ ଧରଣର କାବ୍ୟ ପଦର ମୂଳ ଅକ୍ଷର ଯାହା ପ୍ରତି ଶବ୍ଦ ମୂଳରେ ସେହି ଅକ୍ଷର ଲଗାଇ କାବ୍ୟ ରଚନା କରି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ନୂତନତା ଆଣି ପାରିଛନ୍ତି । ଏହା ଐଶୀ ଶକ୍ତି ସମ୍ପନ୍ନ ଅଟେ । ପଣ୍ଡିତ ମହାଶୟଙ୍କ ଲେଖନୀ ସୁଦୃଢ଼ ହେଉ । ଏହାର ବହୁଳ ପ୍ରଚାର ମୁଁ କାମନା କରୁଛି ।

ଗଙ୍ଗାଧର ମହାପାତ୍ର

ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ, ଭୁବନେଶ୍ୱର
ରାଷ୍ଟ୍ରମନ୍ତ୍ରୀ ତା ୧୪-୬-୮୧
ଶ୍ରମ, ନିଯୁକ୍ତି, ପର୍ଯ୍ୟଟନ, ଖେଳ
ଓ ସଂସ୍କୃତି, ଓଡ଼ିଶା

ପଣ୍ଡିତ ଶ୍ରୀ କାର୍ତ୍ତିକ ଷଡ଼ାଙ୍ଗୀ ଆଚାର୍ଯ୍ୟଙ୍କର ଅନେକଗୁଡ଼ିଏ କାବ୍ୟକବିତା ପ୍ରକାଶିତ ହୋଇଅଛି । ତାଙ୍କର ପ୍ରକାଶିତ କାବ୍ୟରୁ କେତେକ ମୁଁ ମନଯୋଗ ସହ ପଢ଼ିଥିଲି । ସେଥିରୁ ମନେହେଲା ଯେ ପଣ୍ଡିତ ମହାଶୟ ଜଣେ ସାଧକ । ଗୀତା, ଭାଗବତ ଓ ଅନ୍ୟାନ୍ୟ ଆଧ୍ୟାତ୍ମିକ ଗ୍ରନ୍ଥରେ ଗଭୀର ଜ୍ଞାନ ଅଛି । ପୂର୍ବ ଜନ୍ମର ସୁକୃତ ଓ ଭଗବତ୍ ଆଶୀର୍ବାଦ ବ୍ୟତୀତ ଐଶୀଶକ୍ତି ସମ୍ପନ୍ନ କବିତ୍ୱ ଆସେ ନାହିଁ । ପଣ୍ଡିତମହାଶୟଙ୍କ ରଚନାବଳୀରେ ନୀତିବାଣୀଗୁଡ଼ିକ ଅତି ସରଳ ଓ ଯୁଗୋପଯୋଗୀ । ଏହା

Digitized by srujanika@gmail.com

ଲୋକ ଚରିତ୍ର ଗଠନରେ ସହାୟକ ହେବ । ତାଙ୍କ ଲେଖା 'ତତ୍ତ୍ୱ ଚିନ୍ତାମଣି' କାବ୍ୟଟି ଓଡ଼ିଶାର ସାହିତ୍ୟରେ ନୂତନ ସୃଷ୍ଟି କରିଛି । ଏଭଳି କୌଣସି କାବ୍ୟ ଏପର୍ଯ୍ୟନ୍ତ କୌଣସି ପ୍ରବଚନ କର୍ତ୍ତାମାନଙ୍କର ପ୍ରକାଶିତ ହୋଇନାହିଁ । ଏହା ଓଡ଼ିଆ ସାହିତ୍ୟର ଏକ ଗୌରବ । ମୋ ମତରେ ତାଙ୍କର ଆଉ କେତେକ ପାଣ୍ଡୁଲିପି କେନ୍ଦ୍ର ସାହିତ୍ୟ ଏକାଡ଼େମୀ ତରଫରୁ ପ୍ରକାଶ କରିବା ସଙ୍ଗେ ସଙ୍ଗେ କେନ୍ଦ୍ର ଲେଖକ ବୃତ୍ତି ମିଳିବା ବାଞ୍ଛନୀୟ । ତାଙ୍କର ଦୀର୍ଘ ଜୀବନ ମୋର କାମନା ।

ଯୁଗଳ କିଶୋର ପଟ୍ଟନାୟକ

ଶ୍ରୀ ସଦାଶିବ ରଥଶର୍ମା (ଗବେଷକ)
ଅଧ୍ୟକ୍ଷ
ଜଗନ୍ନାଥ ମନ୍ଦିର, ଶିକ୍ଷା ସାଂସ୍କୃତିକ ସଂସଦ ପୁରୀ
ତା ୨୨।୧୧।୮୦

କବି ପ୍ରତିଭା ଦୁଇପ୍ରକାର, ନୈମିତ୍ତିକ ଓ ସ୍ୱାଭାବିକ ବିଦ୍ୟା । ବିଦ୍ୟାନୁସାରୀ ଅନୁଷ୍ଠାନ ତଥା ବ୍ୟକ୍ତିଗତ ପ୍ରଭାବରେ ଯେଉଁ ପ୍ରତିଭା ବିକଶିତ ହୁଏ ତାହା ନୈମିତ୍ତିକ ଓ ଯାହା ଈଶ୍ୱରଙ୍କର ଅପାର କୃପାରୁ ଉପଲବ୍ଧ ହୁଏ ତାହା ସ୍ୱାଭାବିକ ବା ଜନ୍ମ କୃପାର ପ୍ରତିଫଳ ଅଟେ ।

Digitized by srujanika@gmail.com

ଶ୍ରୀ କଇଁନ ଦାଶ ଆଚାର୍ଯ୍ୟଙ୍କ କବିତା ପ୍ରସ୍ତୁତ ପଢ଼ିଲେ ମନେହୁଏ ତାଙ୍କ ଜୀବନରେ ଭାଗବତ ଶ୍ଳୋକର ତାତ୍ପର୍ଯ୍ୟ ପ୍ରମାଣିତ ହୁଏ ।

ଯା ଠାରେ ମୋହର ସର୍ବସ୍ୱ

ଜନ ତା ହୁଏସ୍ୱ ଜଦସ୍ୱ ।

ଶ୍ରୀମଦ୍‌ଭାଗବତଗୀତାର ଏଷସ୍ୱର ସରଳ ପ୍ରକାଶନର ଭଙ୍ଗୀ ଶୈଳୀରୁ ଜଣାପଡ଼ୁଛି ତାହା ଅନ୍ତରରୁ ନିଃସୃତ । ମୁଁ ଷଡଚକ୍ର ଭଜନରୁ ତାଙ୍କର କୁଣ୍ଡଳିନୀ ଯୋଗ ବିଷୟରେ ଜ୍ଞାନ ଥିବା ସ୍ପଷ୍ଟ ହେଉଛି । ସୂର୍ଯ୍ୟକ୍ଷେତ୍ର 'କୋଣାକୋଣ' କୋଣାର୍କ କ୍ଷେତ୍ରର କିମ୍ବଦନ୍ତୀକୁ ସେ ଚମତ୍କାର ଶୈଳୀରେ ପଦ୍ୟବଦ୍ଧ କରିଛନ୍ତି, ଯାହାର ସ୍ୱତନ୍ତ୍ରତା ଅଛି । ଚିନ୍ତାମଣିରେ ପ୍ରଭୁଙ୍କ ଶ୍ରୀ ଚରଣରେ ସମର୍ପଣ ପଣ ଓ ଆଚରଣ ଉପରେ ଯେଉଁ ନିର୍ଭରତା ପ୍ରଦାନ କରିଅଛନ୍ତି ତାହା ସାଧାରଣ ପାଠକଙ୍କୁ ଶୁଦ୍ଧତା ଆଡ଼କୁ ଆକର୍ଷଣ କରିବ । ମନଚୈତନ୍ୟ ସମ୍ବାଦରେ ଟିକିଏ କ୍ଲିଷ୍ଟତା ଥିଲେ ମଧ୍ୟ ତାହା ଉନ୍ନମିଶା ଭକ୍ତିର ସୂଚକ ଅଟେ । ତାଙ୍କର କୃତି ପ୍ରତି ସାହିତ୍ୟ ଏକାଡେମୀର ନଜର କୃପା ଦୃଷ୍ଟି ପଡ଼ିଲେ ସୁଖୀ ହୁଅନ୍ତି । ପ୍ରଭୁ ଜଗନ୍ନାଥଙ୍କର ଶ୍ରୀ ଚରଣରେ ତାଙ୍କର ଦୀର୍ଘାୟୁ ଲେଖନୀ ଦୃଢ଼ତର ହେଉ ଓ ସେ ଧର୍ମଜୀବୀ ହୁଅନ୍ତୁ ଏତିକି ପ୍ରାର୍ଥନା କରୁଛି ।

"ଜୟ ଜଗନ୍ନାଥ"

ଶ୍ରୀ ସଦାଶିବ ରଥଶର୍ମା

Digitized by srujanika@gmail.com

ଜ୍ୟୋତିର୍ବିଦ୍ୟା ବାଚସ୍ପତି ପ୍ରଫେସର ପଣ୍ଡିତ ଶ୍ରୀ ସାର ହନୁମାନ ଶାସ୍ତ୍ରୀ, ଏମ୍. ଏ., ବୁଦ୍ଧିରତ୍ନ, ସାହିତ୍ୟାଚାର୍ଯ୍ୟ, ଏବଂ ଜ୍ୟୋତିଷାଚାର୍ଯ୍ୟ ସ୍ୱର୍ଣ୍ଣପଦକ ପ୍ରାପ୍ତ ଜ୍ୟୋତିଷ ଗଣିତ ଓ ଜ୍ୟୋତିଷ ଫଳିତ, ଅବସରପ୍ରାପ୍ତ ଜ୍ୟୋତିଷ ବିଭାଗୀୟ ମୁଖ୍ୟ, ସଦାଶିବ ସଂସ୍କୃତ ମହାବିଦ୍ୟାଳୟ, ପୁରୀ, ପରୀକ୍ଷା ମନ୍ତ୍ରୀ; ସଂସ୍କୃତଭାଷା ପ୍ରଚାର ପରୀକ୍ଷକ ଶ୍ରୀ ଜଗନ୍ନାଥ ଧାମ, ପୁରୀ ।

ଶାସ୍ତ୍ରୀ ସଦନ, ମାଉସୀମା ଘର
ବଡ଼ଦାଣ୍ଡ, ପୁରୀ
ତା ୧୨।୭।୮୧

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ଭକ୍ତ ଦୀନକୃଷ୍ଣ ପ୍ରଭୃତି ଓଡ଼ିଶାର ପ୍ରାଚୀନ କବିମାନେ ପଦର 'ବ', 'କ', ଅକ୍ଷରକୁ ନେଇ ସେହି ଅକ୍ଷରକୁ ପଦ ଆରମ୍ଭରେ ରଖି କାବ୍ୟ କବିତା ଆଦି ରଚନା କରିଅଛନ୍ତି । ପଣ୍ଡିତ, କବି ଶ୍ରୀ କାର୍ତ୍ତନ ରହାସ ଆଚାର୍ଯ୍ୟ ପଦ୍ୟର ପ୍ରତ୍ୟେକ ଶବ୍ଦ ମୂଳରେ ସେହି ଅକ୍ଷର ଥାଇ କାବ୍ୟ ରଚନା କରିଥିବାରୁ ଓଡ଼ିଆ ଭାଷାର ସାହିତ୍ୟ କ୍ଷେତ୍ରରେ ଅପୂର୍ବ ସୃଷ୍ଟି କରିଅଛନ୍ତି । ଏ ପାଣ୍ଡିତ୍ୟ ଓ ରଚନା ଅତି ଶୌଣୀ ଶକ୍ତିମତ୍ତାର ପରିଚାୟକ ନିଶ୍ଚୟ । ଓଡ଼ିଆ ଭାଷାରେ ଏଭଳି କାବ୍ୟ ଏପର୍ଯ୍ୟନ୍ତ ରଚନା ହୋଇ ନାହିଁ । ପଣ୍ଡିତ ମହାଶୟ ଅନେକଗୁଡ଼ିଏ ଆଧ୍ୟାତ୍ମିକ ଗ୍ରନ୍ଥ ଲେଖିଅଛନ୍ତି । ମୋ

Digitized by srujanika@gmail.com

ମତରେ ସବୁଗୁଡ଼ିକ ଲୁପ୍ତାବଶେଷ । ଏହା ପ୍ରକୃତ ଓଡ଼ିଆ ଭାଷା ତଥା ଓଡ଼ିଶାର ଗୌରବ ଅଟେ । ପଣ୍ଡିତ ମହାଶୟ ସମୁଚିତ ପୁରସ୍କାର ପାଇବା ଉପଯୁକ୍ତ । ଏ ବିଷୟରେ ସରକାର ଯତ୍ନ କଲେ ଓଡ଼ିଶାର ଗୌରବ ବୃଦ୍ଧି ହୁଅନ୍ତା ।

ପଣ୍ଡିତଙ୍କୁ ପୁରସ୍କୃତ କରିବା ତଥା କେନ୍ଦ୍ର ସରକାର ଲେଖକ ଭତ୍ତା ଦେବା ସଙ୍ଗେ ସଙ୍ଗେ ତାଙ୍କର ସମସ୍ତ ପାଣ୍ଡୁଲିପି କେନ୍ଦ୍ର ସରକାରଙ୍କ ତରଫରୁ ପ୍ରକାଶ କରାଗଲେ ଦେଶ ଓ ସମାଜର ବହୁ ଶୃଙ୍ଖଳ ସାଧନ ହୋଇ ପାରନ୍ତା ।

ଶ୍ରୀ ବୀର ହନୁମାନ ଶାସ୍ତ୍ରୀ

ମୁଖପତ୍ର

ପଣ୍ଡିତ ଶ୍ରୀ କାଞ୍ଚନ ବଡ଼ାଶା ଆଚାର୍ଯ୍ୟଙ୍କର ଅନେକ ରଚନା ଏଥି ପୂର୍ବରୁ ପ୍ରକାଶିତ ହୋଇଅଛି । ସେ ଜଣେ ସାଧକ, ଗୀତା ଭାଗବତ ଏବଂ ଅନ୍ୟାନ୍ୟ ଆଧ୍ୟାତ୍ମିକ ଗ୍ରନ୍ଥରେ ତାଙ୍କର ଗଭୀର ପ୍ରବେଶ ଥିବା ତାଙ୍କ ରଚନାବଳୀରୁ ପ୍ରମାଣିତ ହୁଏ । ନିଷ୍ଠା ତାଙ୍କର ଅସାଧାରଣ । ଭାରତୀୟ ବ୍ରହ୍ମବିଦ୍ୟା ଓ ଅଧ୍ୟାତ୍ମ ବିଦ୍ୟା ଉପରେ ଆଜିର ଶିକ୍ଷିତ ସମାଜରେ ପ୍ରବର୍ତ୍ତିତ ହେବ, ସେଥିପାଇଁ ତାଙ୍କର ପ୍ରଚେଷ୍ଟା ପ୍ରଶଂସନୀୟ । ଏହି 'ଶବ୍ଦ ଚିନ୍ତାମଣି'

Digitized by srujanika@gmail.com

ସୂତ୍ରାକାରେ ସେ ସାରବାଣୀମାନ ସରଳ ଓ ପ୍ରାଞ୍ଜଳ ଭାଷାରେ ଲେଖି ପାରିଛନ୍ତି । ଏହା ଅତ୍ୟନ୍ତ ସର୍ବୋପ-ଯୋଗୀ ହୋଇଅଛି । ଏହାର ଆଶୁ ପ୍ରକାଶନ ଓ ବହୁଳ ପ୍ରଚାର ମୁଁ କାମନା କରେ । ପଣ୍ଡିତ ମହାଶୟଙ୍କର ସାଧନା ମାର୍ଗରେ କୁସୁମ ବୃଷ୍ଟି ହେଉ ।

ତା ୯।୫।୮୦ ଅଧ୍ୟାପକ ଗୌରୀକୁମାର ବ୍ରହ୍ମା

ଉତ୍କଳର ଶ୍ରୀରାମଚନ୍ଦ୍ର ଭଞ୍ଜ,
ପୂର୍ବତନ ମୁଖ୍ୟ ଅଧ୍ୟାପକ
ଭେଷଜ ରଞ୍ଜନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ
ଏବଂ ଅଧୁନା ଅଡ୍ଭୋକେଟ,
ଓଡ଼ିଶା ହାଇକୋର୍ଟ

କୁକୁରଥା ପଡା
କଟକ-୧
ଦୋଳପୂର୍ଣ୍ଣିମା
୧୯୭୯

ଆଧ୍ୟାତ୍ମିକ ପଣ୍ଡିତ ଶ୍ରୀ କାର୍ତ୍ତିକ ଚନ୍ଦ୍ର ଆଚାର୍ଯ୍ୟଙ୍କ ଦ୍ୱାରା ପ୍ରଣୀତ ଓ ପ୍ରକାଶିତ ତ୍ୟାଗ ଯୋଗର ଏବଂ ଅପ୍ରକାଶିତ ସ୍ୱଲଟ ଚଉତିଶା ଓ ଅଷ୍ଟବୃନ୍ଦ ଭଜନ, ମଧୁରର ରସ, କଳ୍ପନା ତରଙ୍ଗ, ଚିନ୍ତା ଚିନ୍ତାମଣି, ନୈମିଷାରଣ୍ୟ, ଉତ୍ତର ଭାରତ ଭ୍ରମଣ, ତୀର୍ଥ ମହାତ୍ମ୍ୟ ଓ ଜୟଦେବ କାବ୍ୟ 'ଦ' ଅନୁପ୍ରାସରେ ବୈତରଣୀ ଓ ତରଳା କାବ୍ୟ ଓ ଚଉତା ପାଠକର ନଜରକୁ

Digitized by srujanika@gmail.com

ଗୌରବାନ୍ୱିତ ମନେ କରୁଛୁ । ବିଂଶ ଶତାବ୍ଦୀର ଶେଷ ପାଦରେ ଏପରି ଗଭୀର ସମ୍ଭାର ପରିପୂର୍ଣ୍ଣ କବିତା ରଚନା କାର୍ଯ୍ୟରେ କେତେଜଣ କବି ଯେ କେବଳ ନିଜ ସାହିତ୍ୟ ପ୍ରୀତିରେ ଅନୁପ୍ରାଣିତ ହୋଇ ବ୍ରତୀ ହୋଇଛନ୍ତି; ତାହା ଅତ୍ୟନ୍ତ ଆଶା ଓ ଆଶ୍ୱାସନାର ବିଷୟ ।

ଆଧୁନିକ ରଚନା ଶୈଳୀରେ ଏହି ବାହୁଲ୍ୟ ସୃଷ୍ଟି କବିମାନେ ପରମ୍ପରା ଧର୍ମୀ ରସ ଓ ଛନ୍ଦକୁ ଅନୁସରଣ କରିବାକୁ ଅନିଚ୍ଛୁକ ତଥା ଅସମର୍ଥ । ଏହି ପାଠକ ନ ଥିଲେ କେହି ଉପଧା ମିଳନ କରି ପାରିବେ ନାହିଁ । ପଣ୍ଡିତ ଧାଡ଼ିନ ବହାଗ ଆଚାର୍ଯ୍ୟ ଏହି ପରମ୍ପରାର ବ୍ୟତିକ୍ରମ; କାରଣ ସେ ଗ୍ରାମୀଣ ସାହିତ୍ୟିକ, ତେଣୁ ସହରିଆ ସହଜିଆ କାବ୍ୟର ପ୍ରଭାବଠାରୁ ଦୂରରେ, ଏହା ହେଉଛି ତାଙ୍କ କଲ୍ପନାର ସାମର୍ଥ୍ୟ ।

ଚଉତିଶାଗୁଡ଼ିକ 'କ'ରୁ 'କ୍ଷ' ଅନୁକ୍ରମରେ ଲେଖା ହୋଇଥାଏ; କିନ୍ତୁ ହଲନ୍ତ ଚଉତିଶା 'କ୍ଷ'ରୁ 'କ' ପର୍ଯ୍ୟନ୍ତ ଆସିଛି । ତାଙ୍କ ଜମ୍ବୁଦେବ କାବ୍ୟରେ କବି ଜମ୍ବୁଦେବଙ୍କ ଜୀବନ ବୃତ୍ତାନ୍ତ ଓ ବାଦ୍ୟ ପ୍ରତିଭା ବର୍ଣ୍ଣନା କରିଛନ୍ତି ଏବଂ ଉତ୍ତର ଭାରତ ଭ୍ରମଣ ବିଶେଷତଃ ତାହାର ଅନ୍ୟ ନାମ ତୀର୍ଥ ମହାତ୍ମ୍ୟ ହୋଇଅଛି । ଭ୍ରମଣକାରୀ ଆଧ୍ୟାତ୍ମିକ ପଣ୍ଡିତ ହୋଇଥିବାରୁ ଐତିହାସିକ ପରିବର୍ତ୍ତେ ଆଧ୍ୟାତ୍ମିକତା ହିଁ ତାଙ୍କୁ ଆକୃଷ୍ଟ କରିଛି । କେବଳ

Digitized by srujanika@gmail.com

ତାଜମହଲ୍ ବର୍ଣ୍ଣନା ଏହାର ବ୍ୟତିକ୍ରମ । କବି ଶାନ୍ତ'ନ ବହାସ ଜଣେ ସମଭକ୍ତ । ତାଙ୍କ ନୈମିଷାରଣ୍ୟ ଓ ନସ୍ୟରେ ଗତରୁ ତାହା ସ୍ପଷ୍ଟ ଜଣାପଡ଼େ ।

ତାଙ୍କ ଚଣ୍ଡୀ ଚିନ୍ତାମଣି ବ୍ୟାଖ୍ୟାକ ଗୀତା କସରତରେ ସମ୍ପୂର୍ଣ୍ଣ । ଏହାକୁ ପାଠକଲେ ଯେ କୌଣସି ପାଠକ ଉପକୃତ ହେବେ । କଳ୍ପନା ତରଙ୍ଗଟି ଖଣ୍ଡକାବ୍ୟ ସୁଶୋଭିତ ଏବଂ ତ୍ୟାଗ ଯୋଗରେ ବ୍ୟକ୍ତିଗତ ଜୀବନ-ଯାପନ ଲାଗି କେତେଗୋଟି ମହାର୍ଘ ଉପଦେଶ ଦିଆଯାଇଛି ।

କୁହାଯାଏ ଯେ କବି ନିଜ ଚିତ୍ତ ସନ୍ତୋଷ ପାଇଁ ରଚନା କରେ ଏବଂ ତଦ୍ଦ୍ୱାରା କୌଣସି ପାଠକ ଉପକୃତ ହେଲେ ସେ ଆନନ୍ଦିତ ହୁଏ । କବି ଶାନ୍ତ'ନ ବହାସ ପାଠକର ଉପକାର ସାଧନ କରିବା ପାଇଁ ରଚନା କରିଛନ୍ତି ଏବଂ ଏହି ରଚନାଗୁଡ଼ିକ ମାଧ୍ୟମରେ ନିଜ ବ୍ୟକ୍ତିଗତ ଦୃଷ୍ଟିକୁ ରୂପ ଦେଇଛନ୍ତି ।

ଏହି କାବ୍ୟ-କବିତାଗୁଡ଼ିକ ପ୍ରକାଶିତ ହେଲେ, ସମାଜର ଉପକାର ହୁଅନ୍ତା । ତେଣୁ କବିଙ୍କ ସାଧନାର ଉତ୍ତରୋତ୍ତର ଉନ୍ନତି କାମନା କରିବା ସଙ୍ଗେ ସଙ୍ଗେ ମୁଁ ଏହି ପୁସ୍ତକଗୁଡ଼ିକର ଆଶୁ ମୁଦ୍ରଣ ମଧ୍ୟ କାମନା କରୁଛି ।

ଡଃ ଶ୍ରୀ ରାମଚନ୍ଦ୍ର ଦାଶ

Digitized by srujanika@gmail.com

ଡକ୍ଟର ହରେକୃଷ୍ଣ ମହତାବ,
ବମ୍ବେର ପୂର୍ବତନ ରାଜ୍ୟପାଳ
ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ
ଏବଂ ବର୍ତ୍ତମାନର ନିଖିଳ ଭାରତ
ସ୍ୱାଧୀନତା ସଂଗ୍ରାମୀ ସଙ୍ଘର ସଭାପତି,
ଉତ୍କଳ କେଶରୀ

ଏକାମ୍ର ନିବାସ
ଭୁବନେଶ୍ୱର
ତା।୧୮।୧୧।୮୦

ଆଧ୍ୟାତ୍ମିକ ପଣ୍ଡିତ ଏବଂ କବି ଶ୍ରୀଯୁକ୍ତ ମାର୍କଣ୍ଡ ବିଶ୍ୱାସ ଆସ୍ତୁର୍ଣଙ୍କର ଚିତ୍ତ ଚିନ୍ତାମଣି କାବ୍ୟ ପଢ଼ିଲି, ପ୍ରକୃତରେ ସେ ଜଣେ ଯୋଗୀ ଶକ୍ତିସମ୍ପନ୍ନ ଆଧ୍ୟାତ୍ମିକ ପଣ୍ଡିତ, କବି ଅଟନ୍ତି । ଏପରି କଠିନ ଶବ୍ଦ ସଂଯୋଜକ ଏବଂ ପଦ ଆରମ୍ଭରେ ଯେଉଁ ଅକ୍ଷରରେ ମୂଳ ଆରମ୍ଭ, ପ୍ରତି ଶବ୍ଦ ମୂଳରେ ମଧ୍ୟ ସେହି ଅକ୍ଷର ଲଗ୍ନ ପଦ ସମ୍ପୂର୍ଣ୍ଣ କରିବା ଯୋଗୀଶକ୍ତି ବ୍ୟତୀତ ଏପରି ଶବ୍ଦ ସଂଯୋଜନା କରିବା ଅନ୍ୟ ଲେଖକମାନଙ୍କ ପକ୍ଷେ ଦୁରୂହ । ଏପରି ଲେଖକ ଦୃଷ୍ଟିଗୋଚରକୁ ଆସିନାହାନ୍ତି । ପୁଣି ପ୍ରତି ପଦରେ ପ୍ରତିଛେଦର ବ୍ୟାଖ୍ୟା କରାଯାଇ ଶାସ୍ତ୍ରର ତତ୍ତ୍ୱରେ ପ୍ରମାଣ କରାଯାଇଅଛି । ଏ ଆଧ୍ୟାତ୍ମିକ ଅର୍ଥଗୁଡ଼ିକ ଅତି ସରଳ ହୋଇଥିଲେ ମଧ୍ୟ ଏହା ମଧ୍ୟରେ ଅତି ନିଗୂଢ଼ ତତ୍ତ୍ୱ ନିହିତ । ଲେଖକ ସ୍ୱରବର୍ଣ୍ଣ ଆଦ୍ୟାକ୍ଷର, 'ଅ' ଠାରୁ ଆରମ୍ଭ କରି ବ୍ୟଞ୍ଜନବର୍ଣ୍ଣ ଶେଷ, 'କ୍ଷ' ପର୍ଯ୍ୟନ୍ତ କାବ୍ୟଟିକୁ ପ୍ରତ୍ୟେକ ଆଦ୍ୟାକ୍ଷରାନୁଯାୟୀ ବର୍ଣ୍ଣମାଳା ଦ୍ୱାରା

Digitized by srujanika@gmail.com

ସୁନ୍ଦର ଭାବରେ ସୁସଜ୍ଜିତ କରାଇ ପାରିଛନ୍ତି । ତାହା ଯେ ତାଙ୍କର ଅଶେଷ ଗୌରବ ନିଶ୍ଚୟ ଜନସମାଜ ସ୍ୱୀକାରିବେକ୍ତ ଏବଂ ସାହିତ୍ୟ ଏକାଡେମୀ ଦୃଷ୍ଟି ବାଞ୍ଛନୀୟ ।

ବର୍ତ୍ତମାନର ଯୁଗୋପଯୋଗୀ, ଚିତ୍ର ଚନ୍ଦ୍ରାମଣି କାବ୍ୟଟି ଦେଶରେ ବହୁଳ ପ୍ରସାର ହେଲେ ଜନସମାଜ ବହୁ ଶିକ୍ଷା ଲାଭ କରିପାରିବେ । ଲେଖକ ଦେଶକୁ ଯେଉଁ ଆଧ୍ୟାତ୍ମିକ ଜ୍ଞାନ ଓ ପ୍ରେରଣା ପ୍ରଦାନ କରିଅଛନ୍ତି, ସେ ସଙ୍ଗତା ଅମର ତଥା ଚିରସ୍ମରଣୀୟ ହୋଇ ରହିବେ । ମୁଁ ଏହାର ବହୁଳ ପ୍ରସାର ଆଶା କରେ ।

ଡଃ ହରେକୃଷ୍ଣ ମହତାବ

ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ, — କଟକ
ଓଡ଼ିଶା ସାହିତ୍ୟ ଏକାଡେମୀ — ତା ୭-୫-୮୦
ସଭାପତି

ଶ୍ରୀ କାର୍ତ୍ତିକ ବିହାରୀ ଆଚାର୍ଯ୍ୟ ଜଣେ ନିଷ୍ଠାପର ସାହିତ୍ୟସେବୀ । ସେ ଆଜକୁ ୩୦ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ସାହିତ୍ୟ ସାଧନା କରି ଆସୁଅଛନ୍ତି । ମୁଁ ତାଙ୍କର କେତେକ ପୁସ୍ତକ ପଢ଼ିଛି । ତାଙ୍କର ବୟସ ବର୍ତ୍ତମାନ ପ୍ରାୟ ୭୯ ବର୍ଷ । ମୁଁ ତାଙ୍କର ସର୍ବାଙ୍ଗୀନ ଉନ୍ନତି କାମନା କରୁଛି ।

ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ

Digitized by srujanika@gmail.com

ଶ୍ରୀ ଜଗନ୍ନାଥ ରଥ, ସଂସ୍କୃତ ଅଧ୍ୟାପକ, ପୁରୀ
ସାମନ୍ତ ଚନ୍ଦ୍ରଶେଖର କଲେଜ ତା ୯-୮-୭୮

ଆଧ୍ୟାତ୍ମିକ ପଣ୍ଡିତ ଓ କବି ଶ୍ରୀ କାଞ୍ଚନ ବହାଲି ଆଚାର୍ଯ୍ୟଙ୍କର ରଚିତ ଚିତ୍ତ ଚିନ୍ତାମଣି ପୁସ୍ତକର ହସ୍ତଲିପି ପଢ଼ିବାର ସୁଯୋଗ ପାଇ ମୁଁ ନିଜକୁ ଗୌରବାନ୍ୱିତ ମନେ କରିବା ସଙ୍ଗେ ସଙ୍ଗେ ବିଶେଷ ଆନନ୍ଦିତ ହେଲି। ମୁଁ ବହୁ ବିଶିଷ୍ଟ ଲେଖକ ଓ କବିମାନଙ୍କର ଯଥା କବିସମ୍ରାଟ, କବିସୂର୍ଯ୍ୟ, କବିଚନ୍ଦ୍ର ଓ ବହୁ ଆଧ୍ୟାତ୍ମବାଦ ଲେଖକଙ୍କର ଲିଖିତ ପୁସ୍ତକମାନ ପାଠ କରିଅଛି। କିନ୍ତୁ ଶାମୁକୋତ୍ପନ୍ନ ମୁକ୍ତାର ସ୍ୱଚ୍ଛ ଗୁଣାହାର ସଦୃଶ 'ଅ' ଠାରୁ 'କ୍ଷ' ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଣ୍ଣର ଶବ୍ଦ ସଂଯୋଜନା ରଚିତ ଓ ଗଠିତ କଠିନ ଲିଖିତ ପଦ ଦେଖିବାକୁ ପାଇ ନ ଥିଲି। ଏପରି ଲେଖା ଦେଖିବା ମୋ ଜୀବନରେ ପ୍ରଥମ ଅଟେ। କେତେ କେତେ ପଣ୍ଡିତ-ମାନେ ପଦନ୍ୟାସ ଓ ଶବ୍ଦନ୍ୟାସର ତ୍ରୁଟି ବର୍ଣ୍ଣାଇପାରନ୍ତି; କିନ୍ତୁ ତତ୍ତ୍ୱଦର୍ଶୀ ଆଧ୍ୟାତ୍ମିକ ପଣ୍ଡିତମାନେ ଯେ ନିଃସନ୍ଦେହରେ ନିର୍ଭୁଲ ଭାବେ ଏହାକୁ ଗ୍ରହଣ କରିବେ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ବୋଲି ମୁଁ ଦୃଢ଼ସ୍ୱୀକାର କରୁଛି। କାରଣ ପ୍ରତି ପଦରେ ଯେପରି ଏ ମର୍ତ୍ତ୍ୟଘଟ ଶରୀର ପ୍ରତି ଆସ୍ଥା ନ ରଖି, ସକଳ ଘଟପୂର୍ଣ୍ଣ ପରମବ୍ରହ୍ମଙ୍କୁ ଲକ୍ଷ୍ୟ ରଖିବା ଉପଦେଶମାନ ଦିଆଯାଇଅଛି। ଏ ଗ୍ରନ୍ଥ ପାଠକମାନଙ୍କ ପ୍ରତି ତଥା ଜନତା ଜନାର୍ଦ୍ଦନଙ୍କ ପ୍ରତି ମଙ୍ଗଳ, ମାରକୁ ଷଟେଶ୍ୱାର ସଦୃଶ ଅମୃତମୟ ଅଟେ।

Digitized by srujanika@gmail.com

ଭଗବାନ ଶ୍ରୀକୃଷ୍ଣ ଗୀତା ଦଶମ ଅଧ୍ୟାୟ ବିଭୂତି ଯୋଗରେ ଅର୍ଜ୍ଜୁନଙ୍କୁ କହୁଛନ୍ତି –

"ସର୍ଗାଣାମାଦିରନ୍ତଶ୍ଚ, ମଧ୍ୟଂ ଚୈବାହମର୍ଜ୍ଜୁନ
ଅଧ୍ୟାତ୍ମ ବିଦ୍ୟା ବିଦ୍ୟାନାଂ, ବାଦଃ ପ୍ରବଦତାମହଂ ।"

ଅର୍ଥାତ୍ ସଂସାର ସୃଷ୍ଟି ସମସ୍ତ ବିଦ୍ୟା ମଧ୍ୟରେ ଆଧ୍ୟାତ୍ମିକ ବିଦ୍ୟା ଶ୍ରେଷ୍ଠ ଅଟେ । ଅତି ପୂର୍ବକାଳରେ ବ୍ରହ୍ମର୍ଷି ଆଶ୍ରମମାନଙ୍କରେ ଏହି ଆଧ୍ୟାତ୍ମିକ ଅଧିଦୈବିକ ଓ ଅଧିଭୌତିକ ବିଦ୍ୟା ପ୍ରଭୃତି ଶାସ୍ତ୍ରତତ୍ତ୍ୱର ଗବେଷଣା କରାଯାଉଥିଲା । କିନ୍ତୁ କାଳକ୍ରମେ ଏହି ବିଦ୍ୟାର ପ୍ରସାରଣ ସଂକଟର ଅବସ୍ଥା ଧାରଣ କରିବାରୁ ଦେଶରେ ବହୁ ଭ୍ରଷ୍ଟାଚାର ଓ ଉଚ୍ଛୃଙ୍ଖଳତା ବ୍ୟାପିଯାଇଛି । ଏହି ବିଦ୍ୟାର ପଥପ୍ରଦର୍ଶକ ବ୍ୟକ୍ତିମାନେ ଈଶ୍ୱରଙ୍କ ପ୍ରେରଣା ବା ଦୈବଶକ୍ତି ଲାଭ କରିଛନ୍ତି ବୋଲି ଇସ୍ତପ୍ର ବୃତ୍ତାସିକ, ଯଥା– ଅତ୍ରି; ବଶିଷ୍ଠ, ଜନକ ଶ୍ରୀମଦ୍‌ଭାଗବତ ଏହାର ଦୃଷ୍ଟାନ୍ତ ନିଦର୍ଶନ । ତାଙ୍କର ଶାସ୍ତ୍ରତତ୍ତ୍ୱ ଭଜନ ପୁରପଲ୍ଲୀରେ ବିଖ୍ୟାତ । ବର୍ତ୍ତମାନ ଦେଶର ଏହି ଦୁରବସ୍ଥାବେଳେ, ଉଚ୍ଛୃଙ୍ଖଳ ଜନତାକୁ ସ୍ୱାବଲମ୍ବୀ କରିବା ନିମିତ୍ତ, ଈଶ୍ୱରଙ୍କ ପ୍ରେରଣାରେ ଲେଖକ ଯେଉଁ ସାଧୁ ଉଦ୍ୟମ କରିଛନ୍ତି ସେ ଦେଶର ଧନ୍ୟବାଦାର୍ହ ହେବା ସଙ୍ଗେ ସଙ୍ଗେ ଯୁଗେ ଯୁଗେ ତାଙ୍କର ଏ ସତ୍ପଥ ପ୍ରଦର୍ଶକ ରତ୍ନ ଚିନ୍ତାମଣି ନାମକ ପୁସ୍ତକ ଦେଶ୍ରି ତାଙ୍କୁ ଅମର କରି ରଖିବ ବା ମୋର ଶ୍ରଦ୍ଧେୟ ବୃଦ୍ଧବୃଦ୍ଧାବୃନ୍ଦ ତଥା ଯୁବକଯୁବତୀମାନଙ୍କୁ ମୁଁ ସ୍ନେହାଶିଷ ପ୍ରଦାନ କରୁଅଛି କି ସେମାନେ କେବଳ ଆଧ୍ୟାତ୍ମିକ ବିଦ୍ୟାର ଅନୁସ୍

Digitized by srujanika@gmail.com

ଲଅନ୍ତୁ । ଲେଖକଙ୍କର ଏହି ସାଧୁ ଉଦ୍ୟମ ଜନତା-ଜନାର୍ଦ୍ଦନରେ ବହୁଳ ପ୍ରସାର ଲାଭକରୁ ଏହାହିଁ କାମନା ।

ଶ୍ରୀ ଜଗନ୍ନାଥ ରଥ

ଡକ୍ଟର ବଂଶୀଧର ମହାନ୍ତି ଏମ୍. ଏ.; ପି. ଏଚ୍. ଡି.
ପ୍ରଫେସର ଓ ଅଧ୍ୟକ୍ଷ, ଓଡ଼ିଆ ବିଭାଗ   ଭୁବନେଶ୍ୱର-୪
ଉତ୍କଳ ବିଶ୍ୱବିଦ୍ୟାଳୟ   ତା ୧।୯।୮୦

ପଣ୍ଡିତ କବି ଶ୍ରୀଯୁକ୍ତ କାର୍ତ୍ତିକ ଚଦାସ ଆଚାର୍ଯ୍ୟଙ୍କର 'ତତ୍ତ୍ୱ ଚିନ୍ତାମଣି' ପାଣ୍ଡୁଲିପି ପଢ଼ି ଅଶେଷ ଆନନ୍ଦ ଅନୁଭବ କଲି । ପଣ୍ଡିତ ମହାଶୟ ଆଧୁନିକ ଯୁଗର ବୈଜ୍ଞାନିକ ଚିନ୍ତାଧାରା ସହ ପୌରାଣିକ ଚିନ୍ତାର ଏକ ଯୋଗସୂତ୍ର ସ୍ଥାପନ ପୂର୍ବକ ନବ ଯୁଗର ଶିକ୍ଷିତ ଯୁବଗୋଷ୍ଠୀଙ୍କ ପ୍ରାଣରେ ଯେଉଁ ସ୍ପନ୍ଦନ ସୃଷ୍ଟି କରି ଯାଇଛନ୍ତି, ତାହା ଯଥାର୍ଥ ଓ ପ୍ରଶଂସନୀୟ । ପଣ୍ଡିତ ମହାଶୟ ତାଙ୍କ ନିଜ ଉଦ୍ୟମରେ ଏହି ମର୍ମରେ ପ୍ରାୟ ବାଉଟଣ୍ଟି ବହି ପ୍ରକାଶ କରିଛନ୍ତି । ତାଙ୍କର ଆଧୁନିକ ଯୁଗଧର୍ମ ଗୀତା, ତ୍ୟାଗଯୋଗ ପ୍ରଭୃତି ଓଡ଼ିଆ ଆଧ୍ୟାତ୍ମିକ ସାହିତ୍ୟର ଗୋଟିଏ ଗୋଟିଏ ଉଜ୍ଜ୍ୱଳ ଜ୍ୟୋତିଷ୍କ । ତାଙ୍କର ଭଗବତ ତତ୍ତ୍ୱ, ତତ୍ତ୍ୱ ଚିନ୍ତାମଣି, କଳ୍ପନା ତରଙ୍ଗ ପ୍ରଭୃତି ବହୁ ଅପ୍ରକାଶିତ ପାଣ୍ଡୁଲିପି ପ୍ରକାଶ ଅପେକ୍ଷାରେ ରହିଛି । ଏଗୁଡ଼ିକ ପ୍ରକାଶ ପାଇବା ମଧ୍ୟ ଏକାନ୍ତ ଆବଶ୍ୟକ । ଆମ କର୍ମମୟ ଜଞ୍ଜାଳ ଜୀବନରେ ପଣ୍ଡିତ ମହାଶୟଙ୍କର ସାହିତ୍ୟ ସାଧନା ଦେଖିଲେ ମଥା ନଇଁପଡ଼େ । ଏହାର ବହୁଳ ପ୍ରସାର ଲାଭକରୁ, ଏହା ମୁଁ କାମନା କରେ ।

— ବଂଶୀଧର ମହାନ୍ତି

Digitized by srujanika@gmail.com

ଆସୁହେଁ ତମ ରଚିତ ଚିତ୍ତ ଚିନ୍ତାମଣି । ପାଠକର ମଣିଲ ମୋ ଚିତ୍ତ ଚିନ୍ତାମଣି ।। ବର୍ଣ୍ଣମାଳା କ୍ରମେ ରଚ ସୁଲଳିତ ପଦ । ବାଣୀ ଭଣ୍ଡାରରେ ହେବ ଅତୁଳ ସମ୍ପଦ ।। ବାଣୀ ପଦ ଆରାଧନା ଦୃଢ଼ଭାବେ କର । ପାଇବେ ଉଜ୍ଜ୍ୱଳ ହେବ ଜନତା କୁମର ।। ସହଜ ନୁହଇ ବାଣୀ ରାଣୀ ଆରାଧନା । ସତ୍ତ୍ୱା ପାଇଁ ପଡ଼ିବ ଦୁଃସହ ଯାତନା ।। ଅଭିଷ୍ଟ ବରଦା ଜୟ ଦୁର୍ଗା କୃପାବଳେ । ବହୁ ତବ ଚିନ୍ତାଧାର ବିମଳେ ଉଜ୍ଜଳେ ।।

କଇଛ ଶାସନ — ଅଳମତି

ତା ୫।୫।୭୪ — ମାଧବଚନ୍ଦ୍ର ମିଶ୍ରଶର୍ମା

କାହ୍ନୁଚରଣ ଲେଙ୍କା
ଭୂତପୂର୍ବ ରାଜସ୍ୱ ମନ୍ତ୍ରୀ ତଥା — ଭୁବନେଶ୍ୱର
ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଭକ୍ତ — ତା ୧୦।୮।୮୧
ଚୌଦୁଆର ଏମ୍-ଏଲ୍-ଏ

ପଣ୍ଡିତ ଜଗ ଶ୍ରୀ କାର୍ତ୍ତିକ ଦେବାଶ ଆର୍ଯ୍ୟଙ୍କର ପ୍ରକାଶିତ ବିଭିନ୍ନ ଗ୍ରନ୍ଥାବଳୀ ପାଠ କରିଅଛୁ । ଉକ୍ତ ଗ୍ରନ୍ଥାବଳୀ ଅତ୍ୟନ୍ତ ଉପାଦେୟ ଏବଂ ଯୁଗୋପଯୋଗୀ । ତାଙ୍କର "ଚିତ୍ତ ଚିନ୍ତାମଣି" ଶୀର୍ଷକ ଗ୍ରନ୍ଥ ସମାଜର ଉଚ୍ଛୃଙ୍ଖଳ ବ୍ୟକ୍ତିମାନଙ୍କ ପାଇଁ ଏକ ପଥ ନିର୍ଦ୍ଦେଶକ ସ୍ୱରୂପ । ଶ୍ରୀଯୁକ୍ତ ଆର୍ଯ୍ୟଙ୍କ ବହୁ ଲେଖା ଅର୍ଥ ଅଭାବରୁ ପ୍ରକାଶ ହୋଇ ପାରୁନାହିଁ । ବହୁ ଶ୍ରମ ସାଧନା ଦ୍ୱାରା ତାଙ୍କର 'ଚିତ୍ତ ଚିନ୍ତାମଣି' ଶୀର୍ଷକ ଗ୍ରନ୍ଥ ସମାଜରେ ନିଶ୍ଚୟ ଆଦୃତ ହେବ, ଏଥିରେ ସନ୍ଦେହ ନାହିଁ ।

କାହ୍ନୁଚରଣ ଲେଙ୍କା

Digitized by srujanika@gmail.com

ଓଁ

ଶ୍ରୀ ଗଣେଶାୟ ନମଃ

ପଦେ

ସହୃଦୟ ସୁଧୀର ପାଠକ ପାଠିକା ବୃନ୍ଦ, ଏହି ସତ୍, 'ତତ୍ତ୍ୱ ଚିନ୍ତାମଣି' ପୁସ୍ତକ ଖଣ୍ଡିକରେ ବହୁ ଆଧ୍ୟାତ୍ମିକ ତତ୍ତ୍ୱ ସଂପୃକ୍ତ ଶବ୍ଦ ସମ୍ବଳିତ ହୋଇ ବର୍ତ୍ତମାନ କାଳାନୁଯାୟୀ, ସୁବିଶାଳ ନଭ, ସୁଫେନ ସଙ୍ଗମ ତାମସୀ ଭୂଷିତ, ନକ୍ଷତ୍ର ସମୂହ ଯେପରେ, ପ୍ରଦୋଷରୁ ପ୍ରତ୍ୟୁଷ ପର୍ଯ୍ୟନ୍ତ, ବସୁନ୍ଧରା ପୃଷ୍ଠରେ ମିଞ୍ଜି ମିଞ୍ଜି କ୍ଷୀଣ ଆଲୋକଦ୍ୱାରା ଧରାବାସୀ ପ୍ରାଣୀ-ସମୂହଙ୍କୁ ପୀୟୂଷସମ କର କଣିକା ପ୍ରଦାନ କରି, କଲ୍ୟାଣ ସାଧନ କରିବା ସଦୃଶ, ନୈତିକ ଶକ୍ତିରୁ ପ୍ରତାପଣାଳୀ ବିପଥଗାମୀ ଧର୍ମୀୟମାନଙ୍କ ଗତିବିଧି ଉପରେ ସତ୍ୟନିଷ୍ଠ ଆଲୋକପାତ ଉଦ୍ଦେଶ୍ୟରେ ଉକ୍ତ ପୁସ୍ତକଟି ରଚିତ ହୋଇଅଛି । ଅଧୁନା ଓଡ଼ିଆ ସାହିତ୍ୟ ଯେତେକ ବିଦେଶୀ ଭାଷା ସମ୍ମିଶ୍ରଣ ଦ୍ୱାରା ଅବଳ ରୂପ ଧାରଣ କରି ଚାଲିଛି, ଅଧୁନା ସାହିତ୍ୟିକମାନେ ମଧ୍ୟ ଉକ୍ତ ଭୋଷର ଟିରୁ ବାହାରି ଯାଇ ନାହାନ୍ତି, ଏପରିକି ଓଡ଼ିଆ ଅଭିଧାନ ମଧ୍ୟ; ତେଣୁ ଉକ୍ତ ପୁସ୍ତକ ଖଣ୍ଡିକରେ ମୋର ଅଜ୍ଞାତ ଜନ୍ମା ଉଚ୍ଚାରଣରେ ଯଦ୍ୟପି ଯେପରି କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତାହା ସହୃଦୟ ପାଠକପାଠିକା-

Digitized by srujanika@gmail.com

ବୃନ୍ଦ ନିଜର ସଠିକ ପାଣ୍ଡିତ୍ୟ ଗୁଣରେ ମାର୍ଜ୍ଜନା କରିବେ । ବହୁ ଶ୍ରମସାଧ୍ୟଦ୍ୱାରା ବର୍ଣ୍ଣମାଳାନୁଯାୟୀ ଆଧ୍ୟାତ୍ମିକତାରେ ବୌଦ୍ଧିକ ସ୍ତରର ସହ ସାମଞ୍ଜସ୍ୟ ରଖିଥିବା ଶବ୍ଦଗୁଡ଼ିକ ପ୍ରୟୋଜନାନୁଯାୟୀ ପ୍ରୟୋଗ କରାଯାଇଅଛି । ଭାବାର୍ଥଟିର ପଦର ମୂଳ ଯେଉଁ ଅକ୍ଷରରେ ଆରମ୍ଭ ହୋଇଅଛି, ପ୍ରତି ପଦ ମୂଳରେ ମଧ୍ୟ ସେହି ଅକ୍ଷର ପ୍ରୟୋଗ କରାଯାଇ ପଦର ଶେଷରେ ତାର ବ୍ୟାଖ୍ୟା କରି ଦିଆଯାଇଅଛି । ଏହା ଲେଖକର ସର୍ବଶ୍ରେଷ୍ଠ ଆଧ୍ୟାତ୍ମିକତାର ପରିପ୍ରକାଶ ଅଟେ । ବର୍ତ୍ତମାନ ଉଚ୍ଛୃଙ୍ଖଳ ଜନସମାଜ ଏହି ପୁସ୍ତକଖଣ୍ଡି ପାଠକରି ସୁଶୃଙ୍ଖଳା ସମାଜ ଗଠନ କରିବେ ବୋଲି ଆଶା । ଏହି କ୍ଷୁଦ୍ର ପୁସ୍ତକ ଖଣ୍ଡିକରେ କେତେକ ବହୁଦର୍ଶୀ ବ୍ୟକ୍ତି ତାଙ୍କର ମତାମତ ପ୍ରଦାନ କରି ଉତ୍ସାହିତ କରିଥିବାରୁ ମୁଁ ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରୁଅଛି । କେବଳ ଉତ୍କଳୀୟ ନାଗରିକ, ଯୁବକ ଯୁବତୀ, ଭକ୍ତମଣ୍ଡଳୀ ତଥା ସୁଧୀବୃନ୍ଦ ମନୋଯୋଗ ପୂର୍ବକ ଥରେମାତ୍ର ଆମୂଳଚୂଳ ପାଠକଲେ, ଲେଖକର ଶ୍ରମ ସାର୍ଥକ ହେବ ।

ଲେଖକ

Digitized by srujanika@gmail.com

ଓଁ ଶ୍ରୀ ଶ୍ରୀ ଗଣେଶାୟ ନମଃ

ଭକ୍ତ ଚିନ୍ତାମଣି

ବିଶାଳ ବିଶ୍ୱସ୍ୟ ବିଧାନ ବୀଜଂ
ବରଂ ବରେଣ୍ୟଂ ବିଧି, ବିଷ୍ଣୁ, ସର୍ବୈଃ
ବସୁନ୍ଧରା, ବାରି, ବିମାନ, ବହ୍ନି,
ବାୟୁ ସ୍ୱରୂପଂ ପ୍ରଣବଂ ବନ୍ଦେ ।

ଅଣାକାରଂ ମହାଶୂନ୍ୟଂ ଶୂନ୍ୟ ମଧ୍ୟ ନିରାମୟୋ,
ନିରାମୟ ମଧ୍ୟ ଜ୍ୟୋତି, ସଜ୍ୟୋତି ଭଗବାନୟୋ ।

(ମନବୋଧ ଚଉତିଶା ବୃତ୍ତେ)

ଅନାଦି ଅଣାକାର ଅରୂପାନନ୍ଦ
ଅବ୍ୟୟ ଅକ୍ଷୟ ଅଶେଷ ଅଛନ୍ଦ ସେ ।
ଅଗମ୍ୟ ଅଗୋଚର ଅସ୍ପୃଷ୍ଟ ଦୃଶ୍ୟ,
ଅଚିନ୍ତ୍ୟ ଅସଂଖ୍ୟ ଅକାଳ ଅବର୍ଣ୍ଣ ସେ । ୧ ।

ଏହି ଶରୀର ମଧ୍ୟରେ ବିରାଜମାନ କରିଥିବା ମହାପୁରୁଷ ଶୂନ୍ୟ ବ୍ରହ୍ମ, ଯାହାର ଆଦି, ଅନ୍ତ, ବ୍ରହ୍ମା ଶିବଙ୍କର ଅଗୋଚର ବୋଲି ବେଦ ପୁରାଣ ଓ ଉପନିଷଦ ଆଦିରୁ ଜଣାଯାଏ । ସେହି ମହାପୁରୁଷଙ୍କର ମହିମା ବର୍ଣ୍ଣନା କରିବା କେବଳ ଧୃଷ୍ଟତା ମାତ୍ର, ସେହି ମହାପୁରୁଷ ଅନାଦି (ଆଦିଅନ୍ତ ରହିତ) ଅଣାକାର (ଆକାର ଶୂନ୍ୟ) ଅରୂପାନନ୍ଦ (ରୂପଶୂନ୍ୟ, ସ୍ୱୟଂ ସୃଷ୍ଟ ଆନନ୍ଦ ଦାୟକ)

Digitized by srujanika@gmail.com

ଅବ୍ୟୟ (ବ୍ୟୟ ଶୂନ୍ୟ) ଅକ୍ଷୟ (କ୍ଷୟ ରହିତ) ମୁନି ଋଷି ମାନଙ୍କର ଅଶେଷ ଅଚ୍ଛନ୍ଦ (ଅସୀମ ଛନ୍ଦଶୂନ୍ୟ)ର ବୋଧଗମ୍ୟ, ଅଗମ୍ୟ ଅଗୋଚର ଅସ୍ପଷ୍ଟ, ଅଦୃଶ୍ୟ ଅଚିନ୍ତ୍ୟ ଅର୍ଥାତ୍ ଅଶେଷ ଭାବରେ ଚିନ୍ତା କଲେ ତାହାଙ୍କର ଅସଂଖ୍ୟ ଅର୍ଥାତ୍ ଅଶେଷ ରୂପକୁ ଅନିର୍ଦ୍ଦିଷ୍ଟ ସମୟରେ ଅବଶ୍ୟ ତାହାଙ୍କର ଶରଣାଶ୍ରିତ ବ୍ୟକ୍ତି ତାହାଙ୍କର ଲୀଳାଖେଳା ଦ୍ୱାରା ଏବଂ ତାହାଙ୍କର ଗୁଣକୀର୍ତ୍ତନ ଦ୍ୱାରା ଅଶେଷ ଆକାର ଭାବରେ ଅଶେଷ ସ୍ପଷ୍ଟାସ୍ପଷ୍ଟ ରୂପ ଦର୍ଶନ କରି ପାରିବ । ୧ ।

ଆତ୍ମଭୂ ଆଦ୍ୟରେ ଆରମ୍ଭ ଆଶକ୍ତ,
ଆକାଶ ଆଦିତ୍ୟ ଆକାଂକ୍ଷା ଆରତ ଯେ ।
ଆବିଳ ଆଭ୍ୟନ୍ତରଣ ଆଚ୍ଛାଦନ,
ଆମରଣାନ୍ତ ଆୟୁଷ ଆକର୍ଷଣ ଯେ । ୨ ।

ଆତ୍ମଭୂ—ବ୍ରହ୍ମା ସୃଷ୍ଟିର ଆଦ୍ୟରେ ଅର୍ଥାତ୍ ଜୀବ ସୃଷ୍ଟିର ଆରମ୍ଭରେ ଆତୁର ହୋଇ ଆଶକ୍ତ ସହ ଆଗ୍ରହାନ୍ୱିତ ହୋଇ ଆକାଂକ୍ଷାଦ୍ୱୟ ଆଦିତ୍ୟ ରୂପକ ସର୍ବସ ପରିପୂର୍ଣ୍ଣ ଅନାବିଳ ଆଭ୍ୟନ୍ତରରେ ଜନ୍ମଠାରୁ ମରଣ ପର୍ଯ୍ୟନ୍ତ ଆୟୁଷକୁ ଆଚ୍ଛାଦନ ଭାବରେ ଆକର୍ଷଣ କରୁଥିବା ପୂର୍ଣ୍ଣବ୍ରହ୍ମ ସଂସାର ତଥା ଶରୀରର ସାମଞ୍ଜସ୍ୟକୁ ବ୍ୟବଧାନ ନ ରଖି ସର୍ଜନା କରି ଥିବାରୁ ସେହି ପରମବ୍ରହ୍ମଙ୍କ ଶରଣାଶ୍ରିତ ବ୍ୟକ୍ତି ଆଗ୍ରହ ସହକାରେ ଗୌରବାନ୍ୱିତ ହୋଇ ଆନନ୍ଦ ଅନୁଭବ କରେ । ୨ ।

Digitized by srujanika@gmail.com

[୩]

ଇଅଁଳା ଇକାରେ ଇସତ ଇସାର,
ଇଚ୍ଛୁକ ଇଚ୍ଛିତ ଇଙ୍ଗିତ ଇନାର ଯେ ।
ଇତସ୍ତତଃ ଇତର ଇଷ୍ଟଦେବତା,
ଇହଲୋକେ ଇତିହାସ ଇନ୍ଧନତା ଯେ । ୩ ।

ହେ ସାଧୁଗଣ ! ଏଠାରେ ଇସତ୍ ଇସାର — ଅର୍ଥାତ ସାମାନ୍ୟ ଭାବରେ ସୂଚିତ ଦିଆ ଯାଉଅଛି କି, ଇନାର (କୂପ) ରୂପକ ସଂସାରର ଗଭୀର କୂପ ମଧ୍ୟରେ ପ୍ରବେଶ କରିଥିବା ଜନସମାଜ ମଧ୍ୟରୁ ଯେ କେହି ବ୍ୟକ୍ତି ଇଙ୍ଗିତ—(ଅଠା) ଅର୍ଥାତ ହେଳା କଣତଃ ମଧ୍ୟ ଇଚ୍ଛା କରୁଥିବା ଇଚ୍ଛୁକ ବ୍ୟକ୍ତି ଇତର ଇଷ୍ଟଦେବତା ଅର୍ଥାତ୍ ଯେ କି, ଏହି ଶରୀର ମଧ୍ୟରେ ନିର୍ଲିପ୍ତ ଏବଂ ଶରୀରଠାରୁ ଇତସ୍ତତଃ, ସର୍ବଘଟ ବ୍ୟାପି, ଇଷ୍ଟଦେବତା—ପରମବ୍ରହ୍ମ, ପୂର୍ଣ୍ଣବ୍ରହ୍ମ, ଇକାର—ଇକାରସ୍ୱରେ, ଇଅଁଳା – ଅର୍ଥାତ୍ ଏହି ଶରୀର ମଧ୍ୟରେ ସ୍ଥିତ ଇଅଁଳା, ପିଅଁଳା ଓ ସୁସୁମ୍ନା ନାଡ଼ୀ ଦ୍ୱାରା ପରିଚାଳିତ ହେଉଅଛି ଓ ଇହଲୋକ - (ଏହି ସଂସାର ମଧ୍ୟରେ) ଇନ୍ଧନ— (ଶୁଷ୍କକାଷ୍ଠ) ସଦୃଶ ପୁରାତନ ପ୍ରସିଦ୍ଧ ବେଦୋପନିଷଦ, ପୁରାଣ ଶାସ୍ତ୍ର ଏବଂ ଇତିହାସ ଆଦିରୁ ଜଳ ସଦୃଶ ଅମୃତ ନିର୍ଗତ କରି ପାରିବାକୁ ସକ୍ଷମ କେବଳ ସେହି ପରମବ୍ରହ୍ମ ଶରଣାଗତ ବ୍ୟକ୍ତି ବ୍ୟତୀତ ଅନ୍ୟମାନଙ୍କ ପକ୍ଷେ ଅସମ୍ଭବ ଅଟେ । ୩ ।

Digitized by srujanika@gmail.com

ଶଙ୍ଗୁର ଶଞ୍ଜିତ ଶଶ୍ୱର ଶଶ୍ୱସା,
ଶଜ୍ୟ, ଶନ୍ଦୁ, ଶଡା, ଶନ୍ଦୁର ଶଣ୍ଡୁସ୍ଥ ଯେ ।
ଶନ୍ଦ୍ରଜାଲର ଶନ୍ଦ୍ରଧନୁ ଇତ୍ୟାଦି
ଶଭ ଶଡାରୁ ଶଡୁଛି ଶନ୍ଦ୍ରି ସ୍ୱାଦ ଯେ । ୪ ।

ହେ ସୁଜ୍ଞଜନମାନେ ! ପରମେଶ୍ୱରଙ୍କୁ ଧ୍ୟାନ କରି ତତ୍ତ୍ୱ ଅନୁଭବ କର, ଇଙ୍ଗୁର—(ସିନ୍ଦୁର) ସଦୃଶ ଲାଲ ରକ୍ତ ଗଡା ପ୍ରାଣ ଏବଂ ଶରୀରରେ କଣ୍ଠଚକ୍ରସ୍ଥିତ ଷୋଡଶ ଦଳପଦ୍ମରେ ବାସ କରୁଥିବାରୁ ପରମେଶ୍ୱରଙ୍କ ସହ ପରମେଶ୍ୱର, ଶଜ୍ୟ—(ପୂଜ୍ୟାସ୍ପଦ) ତେଜସ୍ୱୀ ଚନ୍ଦ୍ର ସ୍ୱରୂପ ଚନ୍ଦ୍ର ନାଡୀରୁ ଶଣ୍ଡୁସ—(କୁଣ୍ଡଳିନୀ) ଅର୍ଥାତ ଆଧାର ଚକ୍ରରେ, ଇନ୍ଦୁର—ମୂଷିକ ବାହନ ସହ ସସ୍ତ୍ରୀକ ବାସ କରୁଥିବା ସିଦ୍ଧିଦାତା ଓ ଜ୍ଞାନଦାତା ଗଣେଶଙ୍କ ପର୍ଯ୍ୟନ୍ତ ଇନ୍ଦ୍ରଧନୁ ସଦୃଶ ଶଡା ନାଡ଼ୀରୁ କେତେଗୁଡ଼ିଏ ସୂକ୍ଷ୍ମନାଡୀ ଊର୍ଣ୍ଣନାଭି ଜାଲ ସଦୃଶ ବାହାରି ଥିବାରୁ ଶଭ—ହସ୍ତୀ ଶୁଣ୍ଡରେ ଚନ୍ଦ୍ର ନାଡୀରୁ ନିର୍ଗତ ହେଉଥିବା ରସକୁ, ଶରୀରର ସମସ୍ତ ଅବୟବ ମଧ୍ୟରେ ବର୍ଷା କରୁଅଛି, ଅର୍ଥାତ୍ ରସ ଯୋଗାଉ ଅଛି । ଏହା କେବଳ ପରମବ୍ରହ୍ମ ଆଶ୍ରିତ ବ୍ୟକ୍ତିମାନେ ଅନୁଭବ କରି ପାରନ୍ତି । ୪ ।

ଡକୁଣି ଡଡରେ ଡଶ୍ୱାସେ ଡଲଠ,
ଡଜାଣି ଡଦ୍ଧ୍ୱକୁ ଡଡମେ ଡକ୍ଷଣୁ ଯେ ।

Digitized by srujanika@gmail.com

ଉତ୍ପୀଡନ ଉଚ୍ଚାରଣେ ଉଚ୍ଛୃଙ୍ଖଳ
ଉଦାସେ ଉଦ୍‌ଯୋଗେ ଉଲ୍ଲୋଳ ଉଜ୍ଜ୍ୱଳ ସେ । ୫ ।

ହେ ସୁଧୀବୃନ୍ଦ ! ଏହି ଉତ୍କଟ ବୃକ୍ଷ:ମନୁଷ୍ୟ ଶରୀରର ଉତ୍ତର ପାଖରେ ଅର୍ଥାତ୍ ବାମ ପାଖରେ ଥିବା ଚନ୍ଦ୍ର ନାଡୀରେ ଉତ୍କୁଣୀ ନ ହୋଇ ଉଚ୍ଛ୍ୱାସେ—ଅର୍ଥାତ୍ ଆସ୍ତେ ଆସ୍ତେ ଉତ୍ତମ ରୂପେ ଉତ୍କଣ୍ଠିତ ନ ହୋଇ ଚନ୍ଦ୍ରାପୂରଣରେ ଶ୍ୱାସକୁ ଉଚ୍ଚାଣି ଉର୍ଦ୍ଧ୍ୱକୁ ଉଠାଇ କୌଣସି କଷ୍ଟ ଅନୁଭବ ନ କରି ଉଚ୍ଛୃଙ୍ଖଳ ନ ହୋଇ ଉଦାସ ଭାବେ ଉଦ୍‌ଯୋଗ ପୂର୍ବକ ହର୍ଷ ଚିତ୍ତରେ ଗୁରୁ ମନ୍ତ୍ର ଉଚ୍ଚାରଣ କରି ଉଜ୍ଜ୍ୱଳ ସର୍ବଶକ୍ତିମାନ୍ ଜ୍ୟୋତିକୁ ଦର୍ଶନ କର, ଏହା କେବଳ ପୂର୍ଣ୍ଣବ୍ରହ୍ମ ପରମାତ୍ମାଙ୍କ ଶରଣାପନ୍ନ ଏବଂ ସରଳମନା ବ୍ୟକ୍ତି ଲାଭ କରିଥାଏ । ୫ ।

ଉଚ୍ଚରୁ ଉଲ୍‌କାପାତ ଉଚ୍ଚେଶ୍ୱର,
ଉତ୍ପନ୍ନ ଉଲ୍ଲାସ ଉତ୍ତାପ ଉଦର ଯେ ।
ଉଦାରତା ଉତ୍ପାଦନ ଉଚ୍ଚପାତ,
ଉପାର୍ଜ୍ଜନ ଉପାସକ ଉପମାତ ସେ । ୬ ।

ହେ ସଜ୍ଜନ ବୃନ୍ଦ ! ଯେଉଁ ଉପାସନାକାରୀ ଉପାସକ ଚନ୍ଦ୍ରାପୂରଣ ଓ ସୂର୍ଯ୍ୟାପୂରଣ ଦ୍ୱାରା ଶ୍ୱାସକୁ (ଅଭ୍ୟାସ ଦ୍ୱାରା) କୌଣସି କଷ୍ଟ ଅନୁଭବ ନ କରି ଉଚ୍ଚାଣି ଉର୍ଦ୍ଧ୍ୱକୁ ଉଠାଇ ପାରେ, ତାହାର ଉଲ୍ଲାସ ଜନିତ ଉଦରର ଉତ୍ତାପ ଜନ ଅର୍ଥାତ୍ ଆକାଶରୁ

Digitized by srujanika@gmail.com

ଉଲ୍‌କାପାତ ସଦୃଶ ତାହାର ଉପାର୍ଜିତ ଉତ୍ପନ୍ନ ଶକ୍ତି ଉତ୍ତରୋତ୍ତର ଉନ୍ନତି ଲାଭକରି ଉପମାତ—ନିଜର ପାଖକୁ ଆସେ । ଏହି ସାଧନା କେବଳ ପରମବ୍ରହ୍ମଙ୍କ ଅନୁଗ୍ରହରୁ ଲାଭ କରାଯାଏ । ୭ ।

ଋଭୁର, ଋକ ବେଦ ଋତ, ଋତର,
ଋତ୍ୱିଜ, ଋଷଭ, ଋଷ, ଋତବାର ଯେ ।
ଋଲ୍, ଋଷି ଋପା, ଋପି ଋଜୁ, ଋଗ୍ଣ,
ଋଷିବା, ଋଷ, ଋଖା, ଋତ୍ୱିକ, ଋତା ଯେ । ୭ ।

ହେ ସୁଜ୍ଞଜନ ! ସୃଷ୍ଟିର ପ୍ରାରମ୍ଭରେ ଋକ୍‌ବେଦର ଆବିର୍ଭାବ, ତା ପରେ ଅନ୍ୟ ବେଦମାନଙ୍କର ଉଦ୍ଭବ । ଋକ୍‌ବେଦ ବର୍ଣ୍ଣିତ ସଂସାରର ଷଡରିପୁ ସହ ଶରୀରର ମଧ୍ୟ ତତ୍ତୁଲ୍ୟ ବିଶେଷ ସମ୍ପର୍କ ରହିଅଛି ଯାହାକି ଅନୁଭବୀ ଅନୁଭବ କରିପାରେ । ଋତ୍ୱିଜ—(ଯଜ୍ଞକର୍ତ୍ତା) ଏଠାରେ ଯୋଗକୁ ଯଜ୍ଞ କୁହାଯାଇଅଛି, ଅର୍ଥାତ୍, ଯୋଗକର୍ତ୍ତା ନିଜର ବୋଧଗମ୍ୟ ରୁଚି ଅନୁସାରେ, ଋତର ସୁଗମ୍ୟ ପଥ ଅନୁଭବ କରି, କଣ୍ଠରେ ସ୍ଥିତ ଋଷଭ—(ବୃଷଭ) ବାହନପରେ, ଋଖା (କାଷ୍ଠ ସିଂହାସନ) ସଦୃଶ ସିଂହାସନରେ ବିଜୟ କରିଥିବା, ଋଲ୍ (ନପୁମ) ମୁତାବକ, ରୂପା (ଭସ୍ମ ବିଲେପନ ଧବଳବର୍ଣ୍ଣ) ଯୋଗୀ ରୂପକ ଧାରଣ କରିଥିବା ଶ୍ରେଷ୍ଠ ଯୋଗୀ ମହାଦେବ ଯାହାଙ୍କର ଋତାଣ ଋଷିବା—(ଉଭୟ ଅଂଶ ବିକାଶୀଳ)

Digitized by srujanika@gmail.com

ରୁକ୍ଷ—(କର୍କଶ) ଅର୍ଥାତ୍ ଅତି ତେଜସ୍ୱୀନ ଉଗ୍ରମୂର୍ତ୍ତି ଏବଂ ବାହନ ବୃଷଭ ଚକ୍ଷୁରୁ, ରୁଷ୍ଟ—(ତାର) ନିର୍ଗତ ସଦୃଶ ଦେଖାଯାଏ ଓ ରୁଟା—(ରୁଣୁଝୁଣୁ ବାଜୁଥିବା ଘାଗୁଡ଼ି ଶବ୍ଦ ହେଉଥାଏ । ରୁକ୍ମିକ—(ସ୍ୱର୍ଣ୍ଣାବୃତ) ଅର୍ଥାତ୍ ସାଧନା କରୁଥିବା ସାଧକ ଶ୍ରୀ ଗୁରୁଙ୍କ କୃପା ବଳରେ, ଜ୍ଞାନଚକ୍ଷୁଦ୍ୱାରା ଦର୍ଶନ ଲାଭ କରିଥାଏ ଏବଂ ଅନୁଭୂତିଦ୍ୱାରା ଅନୁଭବ ମଧ୍ୟ କରିଥାଏ । ୭ ।

ଲୁଟ ଲଲାଟ ଲବ୍ଧ ଲୋଭକୁ ଲଭ
ଲୁବ୍ଧକ ଲକ୍ଷ ଲକ୍ଷା ଲକ୍ଷଣ ଲଭ ଯେ ।
ଲୁଣ୍ଠି ଲୋଭକୁ ଲଟକ ଲଘବେ ଲୀନ,
ଲୁବ୍ଧ ଲାଞ୍ଛନ ଲର୍ଘି ଲାଗେ ଲୂଣୁନ ଯେ । ୮ ।

ହେ ସୁଜ୍ଞଜନ ! ଯେପରି ଲୁବ୍ଧକ—(ବ୍ୟାଧ) ଲବ୍ଧ—ପ୍ରାପ୍ତଧନ—ଅର୍ଥାତ୍ ଶିକାର ପାଇବା ଆଶାରେ ଲୁଚି ରହି ବାଣ ବିଦ୍ଧ କରି ଲବ୍ଧ ଧନ ଲାଭ କରେ, ସେପରି ଯୋଗାଭ୍ୟସ୍ତ ବ୍ୟକ୍ତି ସଂସାରକୁ ଲୁଚି ରହି ଅର୍ଥାତ୍ ବାହ୍ୟିକ ବିଷୟାସକ୍ତ ନ ହୋଇ, ଲୁଣ୍ଠି—ଅର୍ଥାତ୍ ଅଜ୍ଞାତରେ ଅପହରଣ କରୁଥିବା ଜ୍ଞାନକୁ (ଲୋଭ, ମୋହ, କାମ, କ୍ରୋଧ, ମଦ ଓ ମାତ୍ସର୍ଯ୍ୟ) ପ୍ରଭୃତି ଶତ୍ରୁମାନଙ୍କ ପ୍ରତି ସତର୍କ ଭାବେ ଜାଗ୍ରତସ୍ଥାର ହୋଇ, ଧନ ହାନିରେ ଲୁବ୍ଧ ନ ଗଜାଇ ବା ଲାଞ୍ଛନା—(ଦୁଷ୍ଟଚିହ୍ନ) ଅର୍ଥାତ୍ ଦୁଷ୍କର୍ମରୁ ନିବୃତ୍ତ ହୋଇ, ସମସ୍ତ ବାହ୍ୟିକ ବିଷୟକୁ

Digitized by srujanika@gmail.com

ଲଙ୍ଘି—ପାରହୋଇ ଲବେ—ନିମିଷେମାତ୍ର, ଲାଘବ—(ସରଳ) ହୋଇ, ଲାକ୍ଷା—(ଲାଲରଙ୍ଗ) ଲକ୍ଷଣ—ଚିହ୍ନ ଥିବା ଅର୍ଥାତ୍ ସିନ୍ଦୂରବିନ୍ଦୁ ଥିବା ଲଲାଟର ମଧ୍ୟଭାଗକୁ ଲକ୍ଷ୍ୟ—(ଧ୍ୟାନ) ଦ୍ୱାରା ଜ୍ଞାନ ଲାଭ କର ଏବଂ ବିଷୟା-ବିଷୟରେ ମଜ୍ଜିଣ ଲାଗେ—(ଲାଗି ରହିଥିବା) ଲୋଭ ରୂପକ ଲୁଣ୍ଠନ—(ଲୁଣ୍ଠ) ପ୍ରତି ସାବଧାନ ହୋଇ ମୋକ୍ଷ ଲଭ, ଅର୍ଥାତ୍ ପରମବ୍ରହ୍ମରେ ଲୀନ ହୁଅ । ଏହା କେବଳ ପରମ ଗୁରୁ ଆଶ୍ରିତ ବ୍ୟକ୍ତି ଲାଭ କରିଥାଏ । ୮ ।

ଏକନିଷ୍ଠ ଏକାନ୍ତରେ ଏକାଦଶ
ଏକ ଚିତ୍ତେ ଏକାଦଶୀ ଏତାଦୃଶ ଯେ ।
ଏକାନ୍ତ ଏକୀକରଣ ଏକମତ,
ଏତଦର୍ଥେ ଏକ ନୀତି ଏକକୃତ ଯେ । ୯ ।

ହେ ସୁଧୀର ବୃନ୍ଦ ! ଏକାନ୍ତରେ ଚିତ୍ତବୃତ୍ତି ଓ ଏକାଦଶ ଇନ୍ଦ୍ରିୟ ସମୂହକୁ ଏକୀକରଣ (ଏକତ୍ରିତ, ଏକମତ) ଅର୍ଥାତ୍ ମହାନ ଶକ୍ତିଶାଳୀ ଇନ୍ଦ୍ରିୟ ସମୂହକୁ ଗୋଟି ଗୋଟି ଦମନ ତଥା ଆୟତ୍ତ, ଅଧୀନ କରି ଚିତ୍ତବୃତ୍ତିକୁ ନିରୋଧ କରିବାକୁ ହୁଏ । ଯେପରି ଏକାଦଶୀ ବ୍ରତ କଲେ, ଉପବାସ ରହିବା ଦ୍ୱାରା ଇନ୍ଦ୍ରିୟମାନେ ଅବଶ ତଥା ଶିଥିଳ ହୋଇ ପଡନ୍ତି । ଚିତ୍ତ ଚିନ୍ତା କରୁଥିବା ଦୁଷ୍କର୍ମ କରିବାକୁ ସକ୍ଷମ ହୋଇପାରେ ନାହିଁ । ଏହିପରି ଚିତ୍ତବୃତ୍ତିକୁ ଏକ ନୀତି ଓ ନିଶ୍ୱାସ ଅର୍ଥାତ୍ କଣ୍ଠସ୍ଥ

Digitized by srujanika@gmail.com

ଏକସିତ ବା ନିରୋଧ କରି, ଏକାକ୍ଷର ଅର୍ଥାତ୍ ସର୍ବଶକ୍ତି ସମ୍ପନ୍ନ ସତ୍ତ୍ୱ, ରଜ, ତମ, ପ୍ରଭୃତି ସର୍ବ ଗୁଣାଧାର ଏବଂ ତ୍ରିତାପୋପ୍ରବୃତ୍ତି (କଫ, ବାତ, ପିତ୍ତ) ଓ, ଅ, ଉ, ମ ସମ୍ପୂକ୍ଷର ଯୁକ୍ତ ଓଁକାର ରୂପକ ଏକାକ୍ଷର ବ୍ରହ୍ମକୁ ଲକ୍ଷ୍ୟ କଲେ ଲୋଭ, ମୋହ, କାମ, କ୍ରୋଧ, ମଦ, ମତ୍ସର ପ୍ରଭୃତି ରିପୁ ସମୂହ କ୍ରମଶଃ ଦମନ ହୋଇଥାନ୍ତି । ଏହା କେବଳ ପରମବ୍ରହ୍ମ ଶରଣାଶ୍ରିତ ବ୍ୟକ୍ତି ପକ୍ଷରେ ସମ୍ଭବ ହୋଇ ପାରିଥାଏ । ୯ ।

ଐରାବତ ଐଶାନ୍ୟ ଐନ୍ଦ୍ରଜାଳିକ,
ଐହ ଐସୁଲକ୍ଷଣୀ ଐତିହାସିକ ଯେ
ଐଚ୍ଛିକ ଐକ୍ଷ ଐଶ୍ୱର୍ଯ୍ୟ ଐଶ୍ୱରିକ,
ଐରତା ଐକ୍ୟର ଐତିକ ଐହିକ ଯେ । ୧୦ ।

ହେ ସୁଧୀରବୃନ୍ଦ ! ମାନବ କାମନା କରୁଥିବା ଧନ ଐଶ୍ୱର୍ଯ୍ୟାଦି ଐଶ୍ୱରିକ ଶକ୍ତି ଲାଭର ଶତ୍ରୁ ଅଟେ । କାମନା ଦ୍ୱାରା ଯେଉଁ ଧନ, ଐଶ୍ୱର୍ଯ୍ୟ ମଦରେ ମୋହ ହୁଏ, ତାହା କେବଳ ଐଶାନ୍ୟ (ଈଶ୍ୱର)ଙ୍କର ଐରାବତ ସଦୃଶ ବୃହତ ମାୟାଦ୍ୱାରା ଐନ୍ଦ୍ରଜାଳିକ—ମାୟାବୀ ହିସାବରେ, ଐହ (ଏହିସବୁ) ଧନ, ଐଶ୍ୱର୍ଯ୍ୟ, ଐତିହାସିକ ଅର୍ଥାତ୍ ପୁରାତନ ଶାସ୍ତ୍ର ସମୂହ ବର୍ଣ୍ଣିତ ଯେଉଁ ସୁଲକ୍ଷଣମାନ ଦେଖାଇଥାନ୍ତି ବା କଳ୍ପନାତୀତକୁ କଳ୍ପନା କରାଇଥାନ୍ତି, ତାହା ଐହିକ—(ଏହି ସଂସାରରେ) ଐକ୍ୟ—ପ୍ରତିଜ୍ଞା

Digitized by srujanika@gmail.com

କରୁଥିବା ଅର୍ଥାତ୍ ମୁଁ କରୁଅଛି, ଅହଂଭାବ ରୂପକ ଶତ୍ରୁ ହୋଇ ଈଶ୍ୱରାଧନାରେ ବ୍ୟାଘାତ ଜନ୍ମାଏ । କାମନା ନିଜ ଶକ୍ତି ବହିର୍ଭୂତ ଏବଂ ଅସତ୍‌ପଥ ପ୍ରଦର୍ଶକ ଅଟେ । ଏହା କେବଳ ପରମଗୁରୁ ପରମବ୍ରହ୍ମଙ୍କ ଆଶ୍ରା ନେବା ଦ୍ୱାରା ଦୂରୀଭୂତ ହୋଇଥାଏ । ୧୦ ।

ଓଜଓଜସ୍ୱିତା, ଓସାର ଓଜନ
ଓଦାରତା ଓଟ ଓଟାର ଓଟନ ଯେ ।
ଓତପ୍ରୋତ, ଓଲଗି, ଓଡା, ଓଖର,
ଓହଳିବା ଓହଳ ଓଉ ଓହର ଯେ । ୧୧ ।

ହେ ସୁଧୀର ବୃନ୍ଦ ! ମନୁଷ୍ୟ ନିଜର ଓସାର—(ପ୍ରଶସ୍ତ) ଓଜନ—(ବଳ) ଓଜସ୍ୱିତା—(ପ୍ରତାପ, ତେଜସ୍ୱୀନ) ଶକ୍ତିଦ୍ୱାରା, ଓଜ—(ବିକ୍ରମ) ଦେଖାଇ, ଓଟନ—(ଭୁଜାଭଣା ଯନ୍ତ୍ର) ଦ୍ୱାରା, ଓଦାରତା—(ଛିନ୍ନଭିନ୍ନ କରି) ଅର୍ଥାତ୍ ଭୁଜାଭଣା ଯନ୍ତ୍ରକୁ ଓଟାର ଭୁଜାକୁ ଯେପରି ଛିନ୍ନଭିନ୍ନ କରିଯାଏ, ସେହିପରି ଏହି ଶରୀର ମଧ୍ୟରୁ ଓଡ଼ ସଦୃଶ ସପତ ବକଳ, ଓଡା (ପାଣି) ଦ୍ୱାରା ପରସ୍ପରକୁ ପରସ୍ପର ଅଠା ଦେବା ସଦୃଶ ଓତପ୍ରୋତ—ଜଡ଼ିତ ହୋଇଥିବା ଓଟ—ଅପରାଧ ସମୂହକୁ ଓଖର—ଦୁଧ ପ୍ରଭୃତି ସାତ୍ତ୍ୱିକ ଆହାରଦ୍ୱାରା ସତ୍‌ଗୁଣ ଲାଭ କରି, ବଟବୃକ୍ଷରେ ଓହଳିଥିବା ଓହଳ ସଦୃଶ ଓଲଗି ହୋଇ ଅର୍ଥାତ୍ ସତ, ଶାନ୍ତି, ଦୟା, କ୍ଷମା ଆଦି ଗୁଣଦ୍ୱାରା ନମ୍ର ହୋଇ ଓହଳରୁ ଓହଳିଥିବା ଅସଂଖ୍ୟ ତେର ସଦୃଶ ଲୋମକୂପରେ ଜଡ଼ିତ ଥିବା କାମନା

Digitized by srujanika@gmail.com

ରୂପକ କଳୁଷ ସମୂହଙ୍କୁ ସମୂଳେ ବିନାଶ କରିବାକୁ ସକ୍ଷମ ହୋଇଥାଏ । ଏହା କେବଳ ପରମବ୍ରହ୍ମ ଆଶ୍ରିତ ବ୍ୟକ୍ତି ଲାଭ କରେ । ୧୧ ।

ଔଧତ୍ୟ ଔଗ୍ର୍ୟ ଔଷଧ ଔସର,
ଔରବ ଔରସ ଔପନ୍ୟାସିକ ଔର ସେ ।
ଔଦ୍‌ଯୋଗୀକ ଔଠାଇ ଔଧ ଔଠନ
ଔଚକ ଔଧନା ଔପ୍‌ସର୍ଗ ଔଷନ ସେ । ୧୨ ।

ହେ ସୁଧୀର ବୃନ୍ଦ ! ସେହିଁ ଔଦ୍‌ଯୋଗୀକ—(ଉଦ୍‌ଯୋଗକର୍ତ୍ତା) ବ୍ୟକ୍ତି ଅର୍ଥାତ୍ ଯୋଗାଭ୍ୟାସି, ଔଧତ୍ୟ—(ଧୃଷ୍ଟତା) ଓ ଔଗ୍ର୍ୟ—(ଉଗ୍ରତା) ନ ହୋଇ ଔପନ୍ୟାସିକ (ଉପନ୍ୟାସ) ନାଟକ ପ୍ରଭୃତି ଉତ୍ତେଜିତ ଓ ଚିତ୍ତ ବିଭ୍ରାନ୍ତକର କାହାଣୀ ନ ପଢ଼ି କମ୍ବା ତହିଁରେ ମନ ନିବେଶ ନ କରି, ଔସର (ଅବସର ସମୟରେ ରୋଗରେ ଔଷଧ ସେବନ ସଦୃଶ ବିପଥଗାମୀ ହେଉଥିବା ଚିତ୍ତ ଓ ଇନ୍ଦ୍ରିୟ ସମୂହଙ୍କୁ ଗୀତା, ଭାଗବତ ପ୍ରଭୃତି ଧର୍ମଶାସ୍ତ୍ର ପାଠ କରି ଔଧନା (ଓଲଟା କରିଦେବା ଅର୍ଥାତ୍ ଅସତ୍ ପଥରୁ ଫେରାଇ ଦେବାକୁ ହେବ ଏବଂ ଔଚକ—ଅଚାନକ ଭାବେ ସଙ୍କଟ ଉପୁଜାଉଥିବା ଇନ୍ଦ୍ରିୟ ସମୂହର ନାନାବିଧ ଔପ୍‌ସର୍ଗ (ଉପସର୍ଗ) ମାନଙ୍କଦ୍ୱାରା ମନ ବିଚଳିତ ହୋଇ ବିଭିନ୍ନ ଅସତ୍ ପଥରେ ପ୍ରବେଶ କରିବାକୁ ପ୍ରବର୍ତ୍ତାଉଥିବାରୁ ତହିଁର ନିବୃତ୍ତି, ଔରବ—(ବିଫଳତା ବା

Digitized by srujanika@gmail.com

ଓଲଟାଇ) ଅର୍ଥାତ୍ ଅସତ ପଥରୁ ଫେରଆସି ନଜର ଔରସ ସଦୃଶ, ଔସନ - (ଜସ୍ତୁତା) ରକ୍ତ ସମୂହକୁ ଔଟନ - ଗରମ କରି ଔଟାଇ - ପରମ ଗାଢ଼ ଆଉଟା ହୋଇଥିବା ରଙ୍ଗ ସଦୃଶ ପକ୍କା ଗାଡ କରି, ଔର - (ଦୁଇଶକ୍ତି ଯୋଡ଼ଦେବା) ଅର୍ଥାତ୍ ମନ ଓ ଇନ୍ଦ୍ରିୟମାନଙ୍କୁ ଏକତ୍ର କରି (ଔଧ) ମୁହଁମାଡ଼ ଓଲଟାଇ ନିୟମିତଭାବେ ଯଥା ସ୍ଥାନରେ ରଖି ପରମାତ୍ମା ପରମ ଗୁରୁଙ୍କୁ ଧ୍ୟାନ କଲେ, ସାଂସାରିକ ମାୟାରୁ ମୁକ୍ତ ହୋଇ ପାରିବ ଅର୍ଥାତ୍ ପଦ୍ମପତ୍ରସ୍ଥ ଜଳ ସଦୃଶ ମାୟା ସଂଲଗ୍ନ ହୋଇଥିଲେ ସୁଦ୍ଧା ବାଧା ଜନ୍ମାଇ ପାରନ୍ତ ନାହିଁ । ୧୨ ।

କୃପାକୁ କପାଳ କାଙ୍ଗାଳ କୌଶଳ,
କଙ୍କାଳ କୁଟିଳ କାଳ କମଣ୍ଡଳ ଯେ ।
କୁତୁହଳେ କଳାକଳା କରମାଳ,
କମଳୁ କଟାଳ କରାଳ କବଳ ଯେ । ୧୩ ।

ହେ ସୁଜ୍ଞଜନ ! କପାଳ - ମହାଦେବ କଣ୍ଠଚକ୍ରର ଷୋଡ଼ଶଦଳ କମଳରୁ ବାହାରି କଙ୍କାଳ - ଶ୍ମଶାନଭୂମି ସଙ୍ଗରେ ଧରି କରମାଳ - ହାତରେ ରୁଦ୍ରାକ୍ଷମାଳ, ଗଳାରେ ମୁଣ୍ଡମାଳ, ହସ୍ତରେ କମଣ୍ଡଳ ଧାରଣ କରି କାଙ୍ଗାଳ ବେଶରେ, କାଳ - କୃତାନ୍ତ ବା ଯମ ରୂପରେ ଏ ଘଟକୁ ସଂହାର କରିବା ସକାଶେ କୌଶଳଦ୍ୱାରା ପ୍ରାଣୀମାନଙ୍କୁ କରାଳ କବଳରେ - (ମାୟାକୁଟ ଚକ୍ରରେ) ପ୍ରବର୍ତ୍ତାଇ ଶରୀର ମଧ୍ୟରୁ, କଟାଳ ଏକଜାତ୍ କରି,

Digitized by srujanika@gmail.com

କଳକଳା – ଡମ୍ବରୁ ବାଦ୍ୟ ସହ ଚଣ୍ଡୀଗ୍ରମୁଣ୍ଡାଙ୍କର ବିକଟାଳ ଧ୍ୱନିଦ୍ୱାରା ଜୀବକୁ ବାହାର କରି ନଅନ୍ତି, ଅର୍ଥାତ୍ ଘଟାନ୍ତର ସମୟରେ ତ୍ରିତାପ – କଫ,, ବାତ, ପିତ୍ତ ଜ୍ୱାଳାରୁ ମୁକ୍ତି ଲାଭ କରିବାକୁ ଇଚ୍ଛା ଥିଲେ, କୃପାଳୁ ପରମଗୁରୁଙ୍କ ଶରଣାପନ୍ନ ହୋଇ ସାଧୁସଙ୍ଗ ଦ୍ୱାରା ମୋକ୍ଷ ଲାଭ କର । ୧୭ ।

ଖେଚର ଖଗବର ଖେଚର ଖର
ଖେଚର ଖେଚରୀ ଖଦର ଖମାରି ଯେ ।
ଖଚର ଖଙ୍କାରି ଖାର ଖାରି ଖୋଲରୀ
ଖାରି ଖେଚର ଖର ଖଜର ଖରି ଯେ । ୧୮ ।

ହେ ସୁଧୀବୃନ୍ଦ ! ପ୍ରଳୟ କର୍ତ୍ତା ରୁଦ୍ର ପ୍ରଳୟ ସମୟ ଉପସ୍ଥିତ ହେଲେ, ପ୍ରଳୟର ସଙ୍କେତ ଦିଅନ୍ତି, ଅର୍ଥାତ୍ ଶରୀରର ପ୍ରଳୟ କ ଦେହାନ୍ତ ସମୟରେ ଖେଚର – (ପକ୍ଷୀ) ଅର୍ଥାତ୍ ପ୍ରାଣପକ୍ଷୀ ଯେତେବେଳେ ବାହାରିଯିବାକୁ ବସେ, ସେତେବେଳେ ଖଗବର—ଶ୍ରୀକୃଷ୍ଣ ଅନାହତ ଚକ୍ର ବା ହୃଦୟ ଚକ୍ରର ଦ୍ୱାଦଶଦଳ ପଦ୍ମରୁ ବାହାରି ମହାଦେବଙ୍କୁ ସହଯୋଗ କରନ୍ତି, ତତ୍କାଳୀନ ଖେଚର – ସୂର୍ଯ୍ୟ ମଳିନ ରୂପ ଧାରଣ କରନ୍ତି, ଖରୀ – ସୂର୍ଯ୍ୟତେଜ କମିଯାଏ । ଖେଚର – ବାୟୁ, ଖର—ଶୀଘ୍ର, ପ୍ରଖର ହୋଇ ଉଠେ । ଚେତନାଶୀଳ ବ୍ୟକ୍ତି ସେହି ସମୟ ଜାଣିପାରି ବାୟୁ ଓ ତେଜ ସଂସ୍ପର୍ଶରୁ ଜାତ ଖଚର – ଗଧ ଓ ଘୋଡ଼ା ସଂସର୍ଗ

Digitized by srujanika@gmail.com

ଜାତ ସଦୃଶ, ଖର୍ଜିର ବୃକ୍ଷ ରୂପକ ଲମ୍ବ ଆଶାକୁ ଖମାର ପ୍ରଭୃତି ଧନ ଜନର ଲୋଭ, ମୋହ ଛୁଟାଇ, ଖୋଖର— ମହି ଆ କାଠ ସଦୃଶ ରୋଗଯୁକ୍ତ ଶରୀରରୁ ମାୟା ମମତା ଛୁଟାଇ ଦିଏ, ଅର୍ଥାତ୍ ଖଦିର—ଖଇର ସଦୃଶ ପିତା କରି ତେଜ୍ୟା କରିଦିଏ । ଖାର - ମଳନିବାରକ, ପୂର୍ଣ୍ଣାୟୁଣରେ ଖେଚରୀ ମୁଦ୍ରାଦ୍ୱାରା ବାୟୁକୁ ଖରେ ଶୀଘ୍ର ଊର୍ଦ୍ଧ୍ୱଗାମୀ କରି ଖଙ୍କାର—କଫ ଅର୍ଥାତ୍ ଢଉଢଉ ହେଉଥିବା କଫକୁ ଖାରି—କାନ୍ତି ସହସ୍ରଦଳ ପଦ୍ମସ୍ଥିତ ନିରଞ୍ଜନଙ୍କୁ ଭେଟି ମୋକ୍ଷ ଲଭିବାର ଶକ୍ତି କେବଳ ପରମବ୍ରହ୍ମ ଆଶ୍ରିତ ବ୍ୟକ୍ତି ଲାଭ କରିଥାଏ । ୧୪ ।

ଗୋପନେ ଗବାକ୍ଷେ ଗଗନେ ଗମନ
ଗୋଲୋକ ଗୋଲହାଟ ଗରୁ ଗହ୍ୱନ ଯେ ।
ଗଣେଶ ଗଡ଼ ଗୋପାଳ ଗୋବର୍ଦ୍ଧନ
ଗୋପନେ ଗୋରଚନା ଗନ୍ଧ ଗର୍ଜନ ଯେ । ୧୪ ।

ହେ ସୁଜ୍ଞଜନ ! ଏହି ଶରୀର ମଧ୍ୟରେ ଗୋପନରେ ଗୋଲହାଟରେ ବାସ କରୁଥିବା ଶୂନ୍ୟ ବ୍ରହ୍ମଙ୍କୁ ଦର୍ଶନ କରିବା ଗରୁ—ବିଶେଷ ଗହ୍ୱନ ଅଟେ । ଆଧାର ଚକ୍ରରେ ବାସ କରୁଥିବା ଗଣେଶଙ୍କ ଗଡ ଦେଇ ଗିରିଗୋବର୍ଦ୍ଧନକୁ ଧାରଣ କରିଥିବା ଏବଂ ଗୋ—ଗୋରୁମାନଙ୍କୁ ପାଳନ କରୁଥିବାରୁ ଗୋପାଳ ଅର୍ଥାତ୍ କୃଷ୍ଣଚନ୍ଦ୍ର, ଯେ କି ହୃଦୟ ଚକ୍ରରେ ବିରାଜମାନ, ତାଙ୍କୁ ଦର୍ଶନ କରି ଗୋପନରେ

Digitized by srujanika@gmail.com

ଗବାକ୍ଷ—ଜାଲକବାଟି ଦ୍ୱାର ଦେଶରେ ଗମନ କରି ଗୋରଚନା ଅର୍ଥାତ୍ ଯେଉଁଠାରେ ଚିତା ଦେଅନ୍ତି, ଭ୍ରୂଦ୍ୱୟର ମଧ୍ୟସ୍ଥଳୀ ତ୍ରିକୁଟରେ, ଗର୍ବରେ ଗମ୍ଭୀର ଭାବରେ ଗର୍ଜନ କରୁଥିବା ଫଣୀର ଶରଣାପନ୍ନ ହୋଇ ଗଗନମାର୍ଗରେ ଗମନ କରିବାକୁ ପରମବ୍ରହ୍ମାଶ୍ରିତ ବ୍ୟକ୍ତି କେବଳ ସମର୍ଥ ହୋଇ ପାରେ । ୧୫ ।

ଘଟେ ଘୋଟକ ଘନଶ୍ୟାମ ଘରଣା
ଘନ ଘରର ଘଡ଼ଘଡ଼ ଘଟଣା ଯେ ।
ଘର ଘରଣୀ ଘରେ ଘୂରୁଛି ଘଣା
ଘରର ଘଟାନ୍ତର ଘୋର ଘୋଷଣା ଯେ । ୧୬ ।

ହେ ସୁଧୀର ବୃନ୍ଦ ! ଏହି ଶରୀର ରୂପକ ଘଟରେ ଘରଣା—ଘରକରି ରହିଥିବା ଘନଶ୍ୟାମ—ପରମବ୍ରହ୍ମ, ଘୋଟକ ସଦୃଶ ଏ ଘଟରୁ ଅନ୍ୟ ଘଟକୁ ଦୌଡ଼ୁଅଛନ୍ତି । ଏହି ଘଟର ଘଟାନ୍ତର ଘଟଣା—ଶେଷ ସମୟ ଉପସ୍ଥିତ ହେଲେ, ଘନ ଘଡ଼ଘଡ଼—ମେଘ ଗର୍ଜନ ଘଡ଼ଘଡ଼ି ସଦୃଶ କଣ୍ଠଦେଶରେ କଫ ଯେତେବେଳେ ଘଡ଼ଘଡ଼ ହେବ, ସେହି ସମୟକୁ ଚେତା ରଖିବା ନିମିତ୍ତ ଘରର ଘରଣୀ—(ଜୀବ) ଘଣା ରୂପକ ହୃଦୟ ଦେଶରେ ଘୂରୁଥିବା ପବନ ଘରୁ ବାହାରିଯିବା ନିମିତ୍ତ ଘୋଷଣା କରେ ଅର୍ଥାତ୍ ଘଡ଼ଘଡ଼ ଶବ୍ଦରେ ହେଙ୍ଗୁରି ହୁଏ । ଏହି ସମୟକୁ ଚେତା ରଖି ତହିଁରୁ ଉଦ୍ଧାର ହେବା ନିମିତ୍ତ ଚିନ୍ତା କରିବାକୁ ସକ୍ଷମ

Digitized by srujanika@gmail.com

କେବଳ ପରମବ୍ରହ୍ମ ଆଶ୍ରିତ ବ୍ୟକ୍ତି ଯୋଗ୍ୟ ହୋଇଥାଏ । ୧୬ ।

ଉତ୍କୃଷ୍ଟ ଉଦ୍ଧାର ଉତ୍ତମ ଉପାୟ
ଉନ ପଞ୍ଚାଶେ ଉଭା ଊର୍ଦ୍ଧ୍ୱେ ଉଦୟ ଯେ ।
ଉତ୍କଣ୍ଠା ଉତ୍କଟ ଉଦ୍ଭବ ଉଦ୍‌ବେଗ
ଉତ୍ଫୁଲ୍ଲ ଉତ୍ପଳ ଉତ୍ପନ୍ନ ଉଦ୍‌ଯୋଗ ସେ । ୧୭ ।

ହେ ସୁଜ୍ଞାନୀ ଜନ ! ଏହି ଶରୀରସ୍ଥିତ ଉତ୍ଫୁଲ୍ଲ—ପ୍ରସ୍ଫୁଟିତ ଉତ୍ପଳ—ପଦ୍ମ ସଦୃଶ ଉତ୍କୃଷ୍ଟ ପରମ, ଜୀବ ସହିତ ଅଣଚଶ ବହିବା ବେଳେ ଅର୍ଥାତ୍ ଶେଷ ସମୟ ଉପସ୍ଥିତ ହେଲେ ଉଭୟେ ଊର୍ଦ୍ଧ୍ୱରେ ରହିଥିବା ସମୟରୁ ପରମ ଉଦ୍ଧାର ହେବାର ଉତ୍ତମ ଉପାୟ ଉଦ୍ଭବ ସକାଶେ ଉଦ୍‌ଯୋଗ କରୁଥିବା ବେଳେ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଜଡ଼ିତ ଗ୍ରସ୍ତ ଜୀବ, ପଞ୍ଚ ଜ୍ଞାନେନ୍ଦ୍ରିୟ ଅର୍ଥାତ୍ ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ରୂପକ ସୂକ୍ଷ୍ମ ଶରୀରକୁ ଉତ୍କଣ୍ଠା—ଆଗ୍ରହ ସହିତ ଉତ୍କଟ—ଅପ୍ରାବନ୍ଧ ଉଦ୍‌ବେଗ ପ୍ରକାଶ କରି, ମାୟା ଯୁକ୍ତ ଶରୀରରେ ଉଦଭବ—ଜାତ ହେବାର ପଥ ସୁଗମ କରିଥାଏ । ଏହି ସମୟରେ ପରମବ୍ରହ୍ମ ଆଶ୍ରିତ ବ୍ୟକ୍ତି କେବଳ ମୁକ୍ତିପଥ ଅବଲମ୍ବନ କରି ମୋକ୍ଷ ହୋଇଥାଏ ଅର୍ଥାତ୍ ପରମବ୍ରହ୍ମରେ ଲୀନ ହୋଇଥାଏ । ୧୭ ।

Digitized by srujanika@gmail.com

ଚନ୍ଦ୍ରମା, ଚନ୍ଦ୍ରିକା ଚତୁର୍ମୁଖ ଶତ
ଚପଳ ଚମକ ଚେତାଇ ଚଳିଛ ଯେ ।
ଚତୁର୍ବର୍ଗ ଚତୁଃ ବର୍ଣ୍ଣ ଚେରଣନ,
ଚଞ୍ଚଳ ଚେତନା ଚନ୍ଦନ ଚଳନ ଯେ । ୧୮ ।

ହେ ସୁଧୀରବୃନ୍ଦ ! ଏହି ଶରୀରର ଶେଷ ସମୟ ଉପସ୍ଥିତ ହେଲେ ପ୍ରଥମେ ଚତୁର୍ମୁଖ—ବ୍ରହ୍ମା ନାଭିଚକ୍ର ଛାଡ଼ି ହୃଦୟଚକ୍ର ସ୍ଥିତ ଚନ୍ଦ୍ରିକା—ମୟୂରପୁଚ୍ଛ ଧାରଣ କରିଥିବା ବିଷ୍ଣୁଙ୍କ ଆଶ୍ରୟ ନିଅନ୍ତି, ସେତେବେଳେ ବ୍ରହ୍ମ ପ୍ରଳୟ ହୁଏ ଅର୍ଥାତ୍ ଜୀବ ଗୋଡ଼ ଆଡ଼ରୁ କ୍ରମଶଃ ଗୁଡ଼ି ଆସେ, ଗୋଡ଼ କାଠ ସଦୃଶ ହୋଇଯାଏ, ଏବଂ ଥଣ୍ଡା ହୋଇଯାଏ । ଯେତେବେଳେ ବ୍ରହ୍ମା ବିଷ୍ଣୁଙ୍କ ନିକଟରେ ହୃଦୟ ଚକ୍ରରେ ପ୍ରବେଶ ହୁଅନ୍ତି ସେତେବେଳେ ବିଷ୍ଣୁ ଅସହ୍ୟ ହୋଇ ପଡ଼ନ୍ତି, ଅର୍ଥାତ୍ ହୃତ୍‌ପିଣ୍ଡର ରକ୍ତ ସଞ୍ଚାଳନ ବନ୍ଦ ହୋଇଯାଏ । ଏହି ସମୟରେ ରକ୍ତ ପାଣି ହୋଇଯାଏ । ବିଶେଷ ଥଣ୍ଡା ହୋଇଯାଏ । ବ୍ରହ୍ମା ବିଷ୍ଣୁଙ୍କ ନିକଟରେ ପହଞ୍ଚିବା ସମୟେ ଯେଉଁ ଧକା ହୁଏ, ସେହି ଧକାରେ ଉଜାଣି ତେଜ ଉଠେ ଅର୍ଥାତ୍ ହୃଦୟଚକ୍ରର ଥଣ୍ଡାପାଣି, କଣ୍ଠଚକ୍ରକୁ ଉଠିଯାଏ । ସେତେବେଳେ କଣ୍ଠରେ ଘଡ଼ଘଡ଼ ଶବ୍ଦ ହୁଏ । ବ୍ରହ୍ମାଙ୍କର ଧକା ବିଷ୍ଣୁ ସହ୍ୟ କରି ନ ପାରି କଣ୍ଠଚକ୍ର ସ୍ଥିତ ଚନ୍ଦ୍ରମାଙ୍କୁ ଧାରଣ କରିଥିବା ମହାଦେବଙ୍କ ନିକଟରେ ଉପସ୍ଥିତ ହୁଅନ୍ତି ।

Digitized by srujanika@gmail.com

ତାହାକୁ ବିଷ୍ଣୁ ପ୍ରଳୟ କୁହାଯାଏ । ଏହି ସମୟରେ ନାଡ଼ି ବନ୍ଦ ହୋଇଯାଏ, କେବଳ ପାଞ୍ଚହାତ ଦୂର ପର୍ଯ୍ୟନ୍ତ ନିଶ୍ୱାସ ପ୍ରଶ୍ୱାସ ଚାଲୁଥାଏ । ଏହି ସମୟକୁ ଗୋଟାଙ୍କଆ ଫକାଇବା କହନ୍ତି, ଅର୍ଥାତ୍ ବହୁତ ଡେରିରେ ଥରେ ଥରେ ହୃଦୟ ସ୍ପନ୍ଦନ ହେଉଥାଏ । ଏହି ସମୟରେ ମହାଦେବ, ବ୍ରହ୍ମା ଓ ବିଷ୍ଣୁଙ୍କର ଭାର ସହ୍ୟ କରି ନ ପାରି ଏ ଘଟ ଛାଡ଼ି ଚାଲି ଯିବାକୁ ଆରମ୍ଭ କରନ୍ତି । ତାହାକୁ ରୁଦ୍ର ପ୍ରଳୟ କହନ୍ତି । ବ୍ରହ୍ମା, ବିଷ୍ଣୁ, ରୁଦ୍ର ଏକଥ ହେଲାରୁ ଚିତ୍ତ (ମନ) ସହ ଏକଥ ହୋଇ ଚତୁର୍ବର୍ଗ (ଧର୍ମ, ଅର୍ଥ, କାମ, ମୋକ୍ଷ) ଦାତା ତ୍ରିଗୁଣାତ୍ମକ ତ୍ରିତାପନାଶକ ପରମ ବ୍ରହ୍ମ. ଚପଳ—(ଶୀଘ୍ର) ଚେତନା—ଜୀବ, ପରମକୁ ତାଙ୍କର, ଚରିତ—ଜୀବନକୃତ, କାର୍ଯ୍ୟକୁ ଚନ୍ଦନ ବୋଲା ସଦୃଶ ଚେତାଇ ଦେଇ, ଚିରନ୍ତନ—(ସଦା ସର୍ବଦା) ସକାଶେ, ଚତୁର୍ବର୍ଗ ଦାନ କରନ୍ତି; କିମ୍ବା ଚତୁର୍ବର୍ଣ୍ଣ—ସ୍ୱେଦଜ, ଅଣ୍ଡଜ, ଉଦ୍ଭିଦଜ ଓ ଜରାୟୁଜ ପ୍ରଭୃତିରେ ଜନ୍ମ କରାଇବାର ପଥ ସୁଗମ କରି ଦିଅନ୍ତି । ଏହି ସମୟରେ ପରେ, ଘଟ ଛାଡ଼ି ଚାଲିଯାଏ, ମରିଗଲା ବୋଲି ଚମକ ଚହଲ ପଡ଼ିଯାଏ । ଏହି ସମୟ ଉପସ୍ଥିତ ହେଲେ ପରମ-ବ୍ରହ୍ମଆଶ୍ରିତ ବ୍ୟକ୍ତି, କେବଳ ତ୍ରିଶକ୍ତି— ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କୁ ପ୍ରାର୍ଥନା କରି ମୋକ୍ଷପଦ ଲଭି ପାରେ କିମ୍ବା ସ୍ୱର୍ଗ ସୁଖ ଅର୍ଥାତ୍ ସତ୍ ଯୋନିରେ ଜନ୍ମଲାଭ କରିବା ନିମିତ୍ତ ପ୍ରାର୍ଥନା କରିଥାଏ । ୧୮ ।

Digitized by srujanika@gmail.com

ଛଣ ଛୁଭଣୀ ଛୁତ ଛୁଲ ଛଟକ,
ଛକଛୁ ଛନ୍ଦେ ଛଦ୍ମ ଛଟେଇ ଛକ ଯେ,
ଛୁର ଛବଳ ଛବ ଛଣି ଛୁଣ୍ଡାଇ,
ଛୁପ ଛନକା ଛୁଣ୍ଡ ଛୁଟିବା ଛୁଇ ଯେ । ୧୯ ।

ହେ ସୁଧୀରବୃନ୍ଦ ! ଏହି ଶରୀର ଗୋଟିଏ ଛଣ ଛୁଭଣୀ ଛୁତ ସଦୃଶ ଛୁଲ—ଚର୍ମଦ୍ୱାରା ବେଷ୍ଟିତ ହୋଇଅଛି । ଛଟକ—ଆଡ଼ମ୍ବର ସହ ଛନ୍ଦେ—ବିବିଧ ଛନ୍ଦରେ, ଛକ—ନିକୁଟ ମଧ୍ୟରେ, ଛଟେଇ—ଛଳନା କରି ଛଦ୍ମ ବେଶରେ ଛୁଇ ସଦୃଶ, ନିତାପଜନିତ ନାନାବିଧ ରୋଗ ଛକ ରହିଛି । ଏହି ଛୁର, ଛବଳ—ଶବ୍ଦିତ ଛବରେ ମୋହିତ ହୋଇ ମନ ନାନାବିଧ ଅସତ୍ ପଥ ଅବଲମ୍ବନ କରୁଅଛି । ଏହି ଛୁଟିବା—ନଷ୍ଟହେବା ଶରୀର ମଧ୍ୟରେ ଥିବା ଛଣୀ ସୂତା ସଦୃଶ, ଜୀବନ ବା ପ୍ରାଣବାୟୁ ଛବଳ- ଶବ୍ଦିତ ଛୁପ - ଚିହ୍ନକୁ ଛୁଣ୍ଡାଇ ଯେତେବେଳେ ବାହାରି ଯିବ, ଅର୍ଥାତ୍ ଆବଦ୍ଧ ପ୍ରାଣ ପକ୍ଷୀ ଉଡ଼ିଯିବ, ସେତେବେଳେ ଛୁଣ୍ଡରେ ଛନକା ପଶିଯିବ ଏବଂ ଦଶଦିଗ ଶୂନ୍ୟ ହୋଇଯିବ । ଏହି ସମୟକୁ କେବଳ ପରମବ୍ରହ୍ମ ଆଶ୍ରିତ ବ୍ୟକ୍ତି ସାବଧାନ ହୋଇ ପାରେ । ୧୯ ।

ଜଗତ ଜୀବନ ଜନକ ଜନମ,
ଜଣାଏ ଜନତା ଜୀବ ଜ୍ୟୋତି ଜାଣି ଯେ,
ଜାନ୍ତ, ଜଡ଼, ଜଳ, ଜାଲ, ଜାଦୁକର,
ଜାଣି ଜନ୍ତେନ୍ଦ୍ରିୟ ଜଟିଳ ଜୁହାର ଯେ । ୨୦ ।

Digitized by srujanika@gmail.com

ହେ ସୁଜ୍ଞାମାନେ ! ଅନ୍ତରର ସହ ହୃଦୟଙ୍ଗମ କରନ୍ତୁ, ଏହି ସଂସାରରେ ଜଗତ ଜୀବନ—ପବନ ଦ୍ୱାରା କପଟ ଜାତ—ଜନ୍ମ ଏବଂ ମୃତ୍ୟୁ ହେଉଅଛୁ, ଜନକଜନନୀ—ପିତାମାତା କପଟ ଜଳ ସଦୃଶ ଜଡ ରୂପକ ବନ୍ଧନରୁ ଜାଦୁକର ସଦୃଶ ଜାଲ ରୂପକ ମାୟାଦ୍ୱାରା ଜଗତ ସୃଷ୍ଟି କରୁଅଛନ୍ତି, ଏହା ଅତି ବିଚିତ୍ର ଅଟେ । ପବନ, ଶବ୍ଦ ଏବଂ ସ୍ପର୍ଶ ଦ୍ୱାରା ଜୀବଜଗତ ତଥା ସକଳ ଜନତାଙ୍କୁ ଜଣାଇ ଦେଉଅଛୁ ଏବଂ ଜନତା ଜାଣିଶୁଣି ମଧ୍ୟ ଜଟିଳ ରୂପକ ଅଜ୍ଞାନ ଅନ୍ଧାରରେ ଅନ୍ଧ ସ୍ୱରୂପ ଅନ୍ତ୍ରାଳ ହେଉଅଛନ୍ତି, କେବଳ ପରମବ୍ରହ୍ମ ଆଶ୍ରିତ ଜ୍ଞାନୀ ବ୍ୟକ୍ତି ଜ୍ଞାନଦ୍ୱାରା ଜତେନ୍ଦ୍ରିୟ ହୋଇ ଅର୍ଥାତ୍ ସଂଯତ ହୋଇ ଜଟିଳତା ରୂପକ ମାୟାସଂସାର ଓ ମାୟା ଶରୀରକୁ ମଧ୍ୟ ଜୁହାର କରି ମୋକ୍ଷ ହେଉଅଛୁ ।୨୦।

ଝୁଙ୍କ, ଝୁଙ୍କିବା, ଝସକେତନ ଝଳ,
ଝଟତି ଝଡା ଝଲସିବା ଝାଉଁଳ ଯେ,
ଝୁଲ ଝୁଲଣା ଝୁଲ ଝଣ୍ଡା ଝଙ୍କାର,
ଝପ ଝଗଡା ଝୁଙ୍କି ଝଞ୍ଜା ଝଞ୍ଜିର ଯେ ।୨୧।

ହେ ସୁଧୀର ବୃନ୍ଦ, ଏହି ମର ଶରୀରରେ ଜୀବ ମାୟାଦ୍ୱାରା ଝୁଙ୍କ—ନିଶାର କବ୍ଳମନ୍ତ, ଝୁଙ୍କିବା—ମତ୍ତହେବା ଅର୍ଥାତ୍ ମତ୍ତହୋଇ, ଝସକେତନ—କନ୍ଦର୍ପ, ସଦୃଶ ଝଳ—ଉଜ୍ଜ୍ୱଳ ହୋଇ, ଝଡ଼ା—ପୁଷ୍ପଗୁଚ୍ଛ ପ୍ରଦର୍ଶଣ

Digitized by srujanika@gmail.com

ସ୍ୱରୂପ ସକଳ ଇନ୍ଦ୍ରିୟମାନଙ୍କୁ ନିଜର ଆୟତ୍ତାଧୀନ କର ଅର୍ଥାତ୍ ଝୁଲ—ମୂଣି ରୂପକ ଶରୀର ମଧ୍ୟରେ ଝଞ୍ଜିର— ଶିକୁଳ ଦ୍ୱାରା ମାୟାରେ ଆବଦ୍ଧ ହୋଇ ଝୁଲଣା— ଦୋଳିରେ ଦୋହଲି, ଝଙ୍କାର—ମଧୁପ ଗୁଞ୍ଜନ ସଦୃଶ ଶବଦ କରି, ଝଲସିବା—ଝଟକିବା, ଅର୍ଥାତ୍ ସୁନ୍ଦର ଦିଶୁଅଛୁ ସେ ବୁଝୁନାହିଁ ଯେ ଦିନେ ହେଲେ ଏ ନଶ୍ୱର ଶରୀର ନଷ୍ଟ ହେବ । ତେଣୁ ଝୁଲ—ମୟୂରପୁଚ୍ଛ ଅର୍ଥାତ୍ ମୟୁରୀ ପୁଚ୍ଛଧାରି ଶ୍ରୀକୃଷ୍ଣଙ୍କ ସ୍ୱରୂପ ପରମଙ୍କର ନିୟମ ରୂପକ ଝଣ୍ଡା—ନିଶାଣ ବା ସଙ୍କେତକୁ ଅବମାନନା କରୁଅଛୁ ଏବଂ ନିତ୍ୟଗତ ଝୁର୍କି—ଦାମ୍ଭିକ ସହ ଝଗଡ଼ା କରୁଅଛୁ, ଅର୍ଥାତ୍ ନିୟମ ମାନୁନାହିଁ । ଏପରି ସ୍ୱେଚ୍ଛାଚାରିତା ଦ୍ୱାରା ଯେ ଦିନେ ହେଲେ କେଉଁ ମୁହୂର୍ତ୍ତରେ ଝଟିତି—ଶୀଘ୍ର, ଝପ—ନିରନ୍ତର କ୍ଷୀଣ ବୃଷ୍ଟି ସହ ଝଞ୍ଜା—ବତାସ, ଅର୍ଥାତ୍ ଉଣଚାଶ ପବନ ବହି, ଏହି ସୁନ୍ଦର ଶରୀରଟି ଝାଉଁଳି ଯିବ ଏବଂ ମଉଳିଯିବ । ଏ ବିଷୟରେ ପରମାତ୍ମା ଅନୁଗ୍ରହି ଚରମ ତତ୍ତ୍ୱବାନ ବ୍ୟକ୍ତି ଆଗରୁ ସାବଧାନ ରହି ତଦନୁଯାୟୀ କାର୍ଯ୍ୟ କରନ୍ତି । ୨୧ ।

ନିତ ନିଧନ ନିର୍ଦ୍ଧାରଣ ନିୟତ
ନିରବ ନିଶାଚର ନିତ୍ୟ ନିହିତ ଯେ,
ନିମିଷେ ନିମଗ୍ନ ନିୟୁତ ନିଷ୍ଫଳ
ନିର୍ଭର ମାପ୍ ମୂଳ ନିପଟ ମାଳ ଯେ । ୨୨ ।

Digitized by srujanika@gmail.com

ହେ ବିବେକି ବୃନ୍ଦ ! ଭାବ ଦେଖ ମନୁଷ୍ୟ ଇନ୍ଦ୍ରିୟ-ମାନଙ୍କ ଆୟତ୍ତାଧୀନ ହୋଇ ନିତି—ପ୍ରତିଦିନ, ତିରବ—ନିଷ୍ଟଳ ଭାବରେ ନିଶାରେ ନିଷ୍ଠାରେ ଅର୍ଥାତ୍ ରାକ୍ଷସ ନିୟମରେ ପରିଚାଳିତ ହୋଇ ଅସତ୍ ପଥରେ ନିବ୍ରତ—ଜଡ଼ିତ ଅଛି ଏବଂ ନିୟତ—ସର୍ବଦା ନିଧନ—ମରଣ ପଥକୁ ନିର୍ଦ୍ଧାରଣ—ସ୍ଥିର କରୁଅଛି । ସେ ଯଦ୍ୟପି ପ୍ରତ୍ୟହ ନିମିଷେମାତ୍ର ଧ୍ୟାନରେ ନିମଗ୍ନ ହୋଇ, ନିର୍ଭର—ଦୃଢ଼ବିଶ୍ୱାସ ରଖି, ନିପୁଣ—ଅଦୃଶ୍ୟ ପୁରୁଷ ନୀପମୂଳସ୍ଥିତ, ନିପଟ—ଗାଢ଼ ନୀଳବର୍ଣ୍ଣ ଶ୍ରୀକୃଷ୍ଣଙ୍କୁ ନିର୍ମଳ ମନରେ ସ୍ମରଣ କରନ୍ତା, ତାହାହେଲେ କେବେହେଁ ବିପଥଗାମୀ ହୁଅନ୍ତା ନାହିଁ । ଏହା କେବଳ ପରମ ତତ୍ତ୍ୱଦର୍ଶୀଙ୍କ ପକ୍ଷରେ ସମ୍ଭବ ହୋଇ ପାରେ । ୨୧ ।

ଠଣା ଠାଣିବା ଠାଣୁଆ ଠଙ୍କଧର
ଠିକ ଠାକ୍କି ଠାଣ ଠୋପ ଠଙ୍କାର ଯେ
ଠେକ ଠାପର୍ ଠଭ ଠାକୁଆ ଠାହ୍ୱି
ଠୁକୁଣା ଠିକର ଠାଙ୍ଗର ଠୋକେଇ ଯେ । ୨୩ ।

ହେ କୋବିଦବୃନ୍ଦ ! ଆଧାର ଚକ୍ରର ଅଧିପତି ହେଉଛନ୍ତି ଠଙ୍କଧର ବା ଗଣେଶ, ଆଧାରଚକ୍ରକୁ ଗୁହ୍ୟଚକ୍ର କହନ୍ତି । ତାହା ଚତୁରଙ୍ଗୁଳ ପରିମିତ ସ୍ଥାନ ଏବଂ ଠାଣୁଆ ଅଟେ । ଠିକର—ଠେଙ୍ଗା, ଠାଙ୍ଗର ଠୁକୁଣା—ଶ୍ରେଷ୍ଠ ପିତଳହାଣ୍ଡି କିମ୍ବା ଠୋକେଇ ସଦୃଶ ଅଟେ । ତାକୁ ମଧ୍ୟ ଠିକ ଠାକ୍କି—

Digitized by srujanika@gmail.com

ଶ୍ରେଷ୍ଠ ପାଣି ରହିବା ସ୍ଥାନ କହନ୍ତି । ଏ ଚକ୍ରଟି ଅପାନ ବାୟୁର ଅଧୀନ । ସାଧକ ଟାଣୁଆ ହୋଇ ଅର୍ଥାତ୍ କଠୋର ସାଧନା ବଳରେ ଟଣାଟାଣିବା—ଉଜାଣି ଉଠାଇବା ଅର୍ଥାତ୍ ଟୋପ—ମଳ ଖାଲୁଆ ସ୍ଥାନରୁ ବା ଆଧାରଚକ୍ରରୁ ଅପାନ ବାୟୁକୁ ଟେକ - ଉପରକୁ ଉଠାଇ, ଟାଙ୍ଗିଟାପରା—ହାସ୍ୟାସ୍ପଦ ନ ହୋଇ ଦନ୍ତର ସହିତ, ଟଙ୍ଗ ଅମ୍ଳରସ ଫଳ ସଦୃଶ ବିମୁଖ ବା ହତୋତ୍ସାହ ନ ହୋଇ ଅପାନ ଓ ପ୍ରାଣବାୟୁକୁ ଏକତ୍ର କରି ସୁଷୁମ୍ନା ରନ୍ଧ୍ରରେ ଊର୍ଦ୍ଧ୍ୱଗାମୀ କରିବା କେବଳ ପରମଗୁରୁ ପରମବ୍ରହ୍ମ ଆଶ୍ରିତ ବ୍ୟକ୍ତି ପକ୍ଷରେ ସମ୍ଭବ ହୋଇ ପାରେ । ୨୩ ।

ଠୁଲଶୂନ୍ୟରେ ଠିକ ଠାଣି ଠାକୁର
ଠେକ ଠଙ୍କର ଠଣ ଠାବ ଠୁକର ଯେ ।
ଠିକଣା ଠିକବେଳେ ଠକୁ ଠକ
ଠେସା ଠାପୁଆ ଠୋକର ଠିକ ଠାକ ଯେ । ୨୪ ।

ହେ ସୁଜ୍ଞଜନମାନେ ! ଠାକୁର ଅର୍ଥାତ୍ ପରମବ୍ରହ୍ମ ଠୁଲଶୂନ୍ୟ ନିବାସୀ ଯେ କି ସହସ୍ରାରରେ ବାସ କରନ୍ତି ତାହାଙ୍କ ଦର୍ଶନ ନିମିତ୍ତ ଠିକ୍‌ଠାକ୍—ପ୍ରସ୍ତୁତ ହୋଇ ଅର୍ଥାତ୍ ଧ୍ୟାନରତ ହୋଇ ଠଉର—ଅନୁମାନ ଶକ୍ତିଦ୍ୱାରା ଠିକ୍ ଲକ୍ଷ୍ୟସ୍ଥଳକୁ ଠିକଣା—ସ୍ଥାନ ନିରୂପଣ କରି ଠିକ୍‌ବେଳେ—ନିର୍ଦ୍ଧାରିତ ସମୟରେ ଠଣ—ଅଙ୍ଗଶୋଭା

Digitized by srujanika@gmail.com

ଅର୍ଥାତ୍ ଶ୍ରୀଅଙ୍ଗ ପରମବ୍ରହ୍ମ ରୂପ ଠାଣି ଶୋଭାକୁ, ଠହର—ବିଗ୍ରହ ବା ମୂର୍ତ୍ତିକୁ ଠାବ ଅର୍ଥାତ୍ ଧ୍ୟାନକର, ନଚେତ୍ ଠେସା—ଗାଲୁଆ ଠାପୁଆ—ଅଳସୁଆ ବୃତ୍ତି, ଠେକ—ଅବଲମ୍ବନ କଲେ, ଠୋକର—ଆଘାତ ପାଇ ଠକ—ଦଗାବାଜ ହୋଇ ଠକିବୁ ଅର୍ଥାତ୍ ଠକିଯିବୁ ! ଏହା କେବଳ ପରମବ୍ରହ୍ମାଶ୍ରିତ ବ୍ୟକ୍ତି ଲାଭ କରିଥାଏ । ୨୪ ।

ଡାକ ଡେଙ୍ଗୁରା ଡକା ଡଙ୍ଗର ଡର
ଡେର ଡୁବନ ଡେଗ ଡାକୁ ଡଗର ଯେ
ଡଗ ଡଗ ଡୁବଣ ଡୋଳା ଡ଼ଙ୍କର
ତାହାଙ୍କ ଡମ୍ଫେରୁ ଡୁଙ୍କ ଡେଙ୍କରି ଯେ । ୨୫ ।

ହେ ମୂଢ ମନ ! ଜୀବର ଘଟାନ୍ତରପ୍ରବଳରୁ ଯେତେବେଳେ ଡାକୁ—ଡକାଏତ୍ ସଦୃଶ ଜବରଦସ୍ତ, ଡଗର—ଦୂତ ଅର୍ଥାତ୍ ଶମନ ଦୂତ, ଡେର—ବସାଢରକୁ ନତାର, ଡୁବନ—ଅବଗାହନ ଅର୍ଥାତ୍ ପାଣିରେ ବୁଡ଼ାଇ ଦେବାକୁ ଡେଙ୍ଗୁରା ଦେବ, ତୁ ତାର ଡାକ ଶବ୍ଦ ଶୁଣି, ଡରେ (ଭୟରେ) ଡଙ୍ଗର—ଦାସ ସଦୃଶ, ଡକା—ଚହଲ କରିବୁ ଅର୍ଥାତ୍ ବାତୁଳତା ସଦୃଶ ହେବୁ, ତେଣୁ ତା ପର୍ବରୁ ଡେରି ବିଳମ୍ବ ନ କରି, ତାହାଙ୍କ ଡମ୍ଫ—ତାହାଙ୍କ ଶିଶୁ ସଦୃଶ ଜଳରେ ଡୁବଣ, ଡେଙ୍କରି—ବାମ ଡେନ୍—ପାଣିନାଳ ଅର୍ଥାତ୍ ବାମପାର୍ଶ୍ୱରେ ରହିଥା କି ଚାନ୍ଦ,

Digitized by srujanika@gmail.com

ନାଡୀରେ ଡଗ୍‌ଡଗ—ଶୀଘ୍ର, ଡ଼ୁବି—ବୁଡ଼ିଯାଇ ଅର୍ଥାତ୍ ଶୀଘ୍ର ନିମଗ୍ନ ହୋଇ; ଡୋଳା—ଚକ୍ଷୁ ଅର୍ଥାତ୍ ସୂର୍ଯ୍ୟ ସଦୃଶ ଡ଼ବିଶ—ଦୀପ ଜାଳିଦେଇ ଆଲୋକରୁ ଉଜ୍ଜ୍ୱଳ କରିଦେଲେ ଅର୍ଥାତ୍ ପିଙ୍ଗଳା ନାଡ଼ିକ; ସୂର୍ଯ୍ୟାୟୁଣରେ ନିମଗ୍ନ ହେଲେ, ଶମନ ଦୂତ ଭୟରେ ପଳାଇବ, ତୁ ଅପମୃତ୍ୟୁରୁ ମୁକ୍ତ ହେବୁ । ଏହା କେବଳ ପରମବ୍ରହ୍ମ ଆଶ୍ରିତ ବ୍ୟକ୍ତିମାନେ କରି ପାରିବାକୁ ସକ୍ଷମ ହୁଅନ୍ତି । ୨୫ ।

ଢୋକାଇବା ଢକାର ଢାଙ୍କିବା ଢାଲ
ଢେମଣା ଢେଙ୍କି ଢେମଣୀ ଢବା ଢୋଲ ଯେ
ଢମରେ ଢୁଳୁଢୁଳୁ ଢଙ୍ଗକୁ ଢୁଳେ
ଢାଲ ଢାଙ୍କୁଣୀ ଢଙ୍କା ଢେଉକୁ ଢାଳେ ଯେ ।୨୬।

ହେ ସୁଜ୍ଞଜନ ! ଏହି ଶରୀର ଢବା—ଆଣ୍ଟୁ ବା କୋଠାଘର, ଢୋଲ—ଫମ୍ପା ସଦୃଶ ଅଟେ । ତନ୍ମଧ୍ୟରେ ଜୀବ, ପରମବ୍ରହ୍ମ ଅର୍ଥାତ୍ ପରମ ପୁରୁଷକୁ ଛାଡ଼ି ଢେମଣା—(ଉପପତି) କାମୀ, ଢେମଣୀ—ବେଶ୍ୟା ସଦୃଶ, ଢମରେ—ଅହଙ୍କାରରେ ଢୁଳେ—ଉନ୍ମତ୍ତ ହେବା, ଢଙ୍ଗକୁ—ଆଚରଣକୁ ଧାରଣ କରି, ଢୁଳୁଢୁଳୁ—ନିଶାରେ ଟଳମଳ ହେବା ସଦୃଶ ଅର୍ଥାତ୍ ଅସତ୍‌ପଥଗାମୀ ହେଉଅଛନ୍ତି । ଢାଲ—ଚର୍ମମୟ ଫଳକ, ଢାଙ୍କୁଣୀ—ଢଙ୍କା ହୋଇଥିବା ଢେଉ—ଲହରୀ ଅର୍ଥାତ୍ ଢୋକାଇବା ଢକାର—

Digitized by srujanika@gmail.com

ମୃତ୍ୟୁକାଳୀନ ଶେଷ ଝିକ୍‌ଝାକୁ ଡାକିବା—ଘୋଷାଇବା, ଡିମ—କୋହଳ ହୋଇଅଛି । ଅର୍ଥାତ୍ ମୃତ୍ୟୁ କପଟ ସଦାସର୍ବଦା ଶରୀରକୁ ଜଗି ରହିଅଛି । ଯଥା—"ମନୁଷ୍ୟ ମୁଣ୍ଡେ ମୃତ୍ୟୁ ବସେ, ଆତ୍ମାକୁ ଅନୁକ୍ଷଣ ଗ୍ରାସେ" । ତେଣୁ ମୃତ୍ୟୁ ପୂର୍ବରୁ ସତର୍କ ହେବା ସକାଶେ ପରମଗୁରୁ ପରମବ୍ରହ୍ମଙ୍କୁ ଧ୍ୟାନ କର । ଏହା କେବଳ ପରମବ୍ରହ୍ମାଶ୍ରିତ ବ୍ୟକ୍ତି ଲାଭ କରି ପାରନ୍ତି । ୨୬ ।

ଅବିଶ୍ରାନ୍ତ ଅବିରାମ ଅବେକ୍ଷଣ
ଅଖିଳ ଅକ୍ଷର ଅଡ଼ା ଅନ୍ୱେଷଣ ଯେ ।
ଅନୁଦ୍ୱେଗ ଅବିବେକ ଅବିହିତ
ଅକ୍ଷୟ ଅଧ୍ୟକ୍ଷ ଅନର୍ଘ ଅବ୍ୟକ୍ତ ଯେ ।୨୭।

ରେ ମୂଢମନ ! ତୁ ଅବେକ୍ଷଣ—ଆଲୋଚନାପୂର୍ବକ, ଅବିଶ୍ରାନ୍ତ—ଧାରାବାହିକ ଭାବେ, ଅବିରାମ—ଅନବରତ, ସେହି ଅକ୍ଷୟ—ଚିରସ୍ଥାୟୀ, ଅନର୍ଘ—ଅମୂଲ୍ୟ ଅବ୍ୟକ୍ତ—ଅପ୍ରକାଶିତ, ଅଦୃଷ୍ଟ ଅଦୃଶ୍ୟ, ଅଖିଳ ବିଶ୍ୱର ଅଧ୍ୟକ୍ଷ—ତତ୍ତ୍ୱାବଧାରକ, ଅକ୍ଷର—ବ୍ରହ୍ମ ଅର୍ଥାତ୍ ପରମବ୍ରହ୍ମ ଯେ କି ଶରୀର ରୂପକ ଅଡ଼ା—ପଞ୍ଜୁରୀରେ ଯେଉଁ କାଠିରେ ଶୁଆ ବସେ, ତାହାଙ୍କୁ ଅନ୍ୱେଷଣ କରି ଅବିବେକ—ବିବେକ-ଶୂନ୍ୟ ଭାବରେ ଅବିହିତ—ଅନୁଚିତ ଅର୍ଥାତ୍ ଅକର୍ମଣ୍ୟ, ଅସତ୍ କାର୍ଯ୍ୟରେ ଅନୁଦ୍ୱେଗ—ଆସକ୍ତ ନ ହୋଇ କେବଳ ସେହି ପରମାତ୍ମା ପରମେଶ୍ୱର ପରମବ୍ରହ୍ମଙ୍କୁ ଧ୍ୟାନ କଲେ,

Digitized by srujanika@gmail.com

ଅପମୃତ୍ୟୁରୁ ମୁକ୍ତ ହେବୁ । ଏହା କେବଳ ପରମବ୍ରହ୍ମାଶ୍ରିତ ବ୍ୟକ୍ତି ଲାଭ କରେ । ୨୭ ।

ତ୍ରିକୁଟ ତ୍ରିବେଣୀ ତଟିନୀ ତଟସ୍ଥ
ତୁଷାର ତମସା ତାମସୀ ତଡ଼ିତ ଯେ,
ତଡ଼ିତ ତତ୍ ତଥ୍ୟ ତ୍ରିତାପ ତଦନ୍ତ
ତରଣି ତିତିକ୍ଷା ତରଣୀ ତଟସ୍ଥ ଯେ । ୨୮ ।

ହେ ସୁଜ୍ଞଜନ ! ଲଲାଟରନ୍ଧ୍ର ସ୍ଥିତ ତ୍ରିକୁଟ ମଧ୍ୟରେ ତ୍ରିବେଣୀ, ତଟିନୀ—ନଦୀର ତଟସ୍ଥ—କୂଳରେ ଥିବା, ତୁଷାର—ବରଫ ଆବୃତ୍ତ ଶୀତଳ ତମସା—ଅନ୍ଧକାର, ତାମସୀ—ରାତ୍ରୀ ସଦୃଶ ଭୟାନକ ଅନ୍ଧକାରକୁ ତଡ଼ିତ—ଜ୍ୱଳିତ, ତଡ଼ିତ୍—ବିଜୁଳି ସଦୃଶ ତରଣି—ସୂର୍ଯ୍ୟ ଉଦୟ ହେଲେ ବରଫ ତରଳି ଯାଇ ଅନ୍ଧକାର ନଷ୍ଟ ହୋଇଯିବ । ତଦ୍ଦ୍ୱାରା ତତ୍—ସତ୍ୟ ବ୍ରହ୍ମଙ୍କର ତଥ୍ୟ, ତଦନ୍ତ—ଅନୁସନ୍ଧାନ ପୂର୍ବକ, ତଟସ୍ଥ—ନିର୍ଲିପ୍ତ ଭାବରେ, ତିତିକ୍ଷା—ସହନଶୀଳତା ଭାବେ ତରଣୀ—ନୌକା ଚଳାଇ ତ୍ରିତାପ—କଫ, ବାତ, ପିତ୍ତ ଜ୍ୱାଳାରୁ ମୁକ୍ତ ହୋଇ ପାରିବ । ଏହା ସହଜ ସୂକ୍ଷ୍ମ ଉପାୟ । କେବଳ ସପ୍ତାଙ୍ଗଦ୍ୱାରା ସାତ ବାରରେ ଗବେଷଣା ବିଧେୟ । ଏହା କେବଳ ପରମଗୁରୁ ପରମବ୍ରହ୍ମ ଆଶ୍ରିତ ବ୍ୟକ୍ତିମାନଙ୍କ ପକ୍ଷେ ସରଳ ଓ ସୁଗମ ଅଟେ । ୨୮ ।

Digitized by srujanika@gmail.com

ଥକା ଥକବା ଥଷ୍ଟା ଥସ୍ତୁ ଥବର
ଥାନ ମୁନ୍ଦ୍ରୁ ଥଳ ଥାକୁଲ ଥିର ଯେ,
ଥନ୍ତଲ ଥାନାପତ ଥାକ ଥାପନ
ଥୋବତ୍ର ଥେଣ୍ଟା ଥଳ ଥୋଇବା ଥାନ ଯେ । ୨୯ ।

ହେ ବିବେକୀ ବୃନ୍ଦ ! ଯେତେବେଳେ ଏ ଶରୀର ଥବର—ବୃଦ୍ଧ ହୋଇଯିବ ଏବଂ ଥକା—କ୍ଲାନ୍ତ ବୋଧ ହେବ, ଥକବା—ରହିବା ଅର୍ଥାତ୍ ବଳରହିତ ହେବ, ଥସ୍ତୁ—ସ୍ଥିରତା ବୋଧ ହେବ, ଥାନ ମୁନ୍ଦ୍ରୁ—କାନ ଓ ଆଖିର ମଧ୍ୟବର୍ତ୍ତୀ ସ୍ଥଳ କେବଳ ଅସ୍ଥିପୂର୍ଣ୍ଣ ହୋଇଯିବ । ଥଳ—ସ୍ଥାନରୁ ଉଠିବାକୁ ବଳ ପାଇବ ନାହିଁ । ଥାକୁଲ—ସ୍ଥୂଳକାୟ, ଥିର—ସ୍ଥିର ହୋଇଯିବ । ଥନ୍ତଲ—ସ୍ଥୂଳ ଶରୀରଟି ଅସୁନ୍ଦର ଦେଖାଯିବ । ଥେଣ୍ଟା—ଅବାଧ୍ୟ ସଦୃଶ ହୋଇଯିବ । ଥୋବତ୍ର—ନିର୍ଲଜ୍ଜ ହୋଇଯିବ, ଥଳ—ଥୋଇବା ଅର୍ଥ, ଅର୍ଥାତ୍ ଟଙ୍କା ସୁନା ଇତ୍ୟାଦି ଧନକୁ କାରବାର କରିବା ନିମିତ୍ତ ବୁଦ୍ଧି ବଳ ନ ଥିବ । ଥାପନ—ସ୍ଥାପନ କରିଥିବା ଦିଅଁ, ଦେବତାମାନଙ୍କଦ୍ୱାରା କୌଣସି ଉପକୃତ ହୋଇ ପାରିବ ନାହିଁ ଓ ଲୋକମାନେ ଥଟ୍ଟା କରୁଥିବେ । ସେତେବେଳେ ଥାନାପତ—ସ୍ଥାନର ମାଲିକ ଅର୍ଥାତ୍ ଶରୀରର ମାଲିକ, ଥର—ସ୍ୱର ଅର୍ଥାତ୍ ବିଭିନ୍ନ ଯୋନିକୁ ଗମନ କରିବାକୁ ଇଚ୍ଛା କରିବ, ସେତେବେଳକୁ ସତର୍କ ହୁଅ । ଏହା କେବଳ ପରମଗୁରୁ ପରମବ୍ରହ୍ମାଶ୍ରିତ ବ୍ୟକ୍ତିମାନେ ଜାଣି ପାରନ୍ତି । ୨୯ ।

Digitized by srujanika@gmail.com

ଦୀନତା ଦାବାଗ୍ନି ଦରିଆ ଦହନ
ଦୁଷ୍କର୍ମ ଦୁର୍ମତ ଦନୁଜ ଦଂଶନ ଯେ ।
ଦକ ଦକା ଦେଉଳ ଦର୍ପ ଦୃଢ଼ତା
ଦାରୁଣ ଦରୁଆନ ଦୀପ୍ତ ଦେବତା ଯେ । ୩୦ ।

ରେ ମୂଢ଼ ମନ ! ଏହି ଶରୀରରୂପକ ସଂସାରରେ ଯାହାକୁ ସୁଖ ଭାବି ମଜଅଛୁ ସେ ସୁଖ ନୁହେଁ, ତାହା ଦୀନତା—ଦରିଦ୍ରତା, ଦାବାଗ୍ନି—ବନଜାତ ବହ୍ନି ସଦୃଶ ଦରିଆ ରୂପକ ଶରୀରକୁ ସଦାସର୍ବଦା ଦହନ କରୁଅଛି । ଦକ—ଚିନ୍ତା, ଦକା—ଭୟ, ଦର୍ପ—ଗର୍ବ, ଅହଂକାର ଦୃଢ଼ତା ଭାବରେ ଦେଉଳ ଅର୍ଥାତ୍ ଶରୀର ରୂପକ ମନ୍ଦିରକୁ ଦୁଷ୍କର୍ମ ଦୁର୍ମତି—ଦୁର୍ବୁଦ୍ଧି ଦ୍ୱାରା ଦନୁଜ ରୂପକ ହିଂସ୍ର ପ୍ରାଣୀମାନଙ୍କ ସଦୃଶ ଦଂଶନ କରୁଅଛି । ଦାରୁଣ—କ୍ଳେଶଦାୟକ, ଦୀପ୍ତ—ତେଜସ୍ୱାନ, ଦରୁଆନ—ଦେବତା ଅର୍ଥାତ୍ ଶମନ ଦେବତା ପ୍ରହରୀ ଭାବେ ଜଗିଅଛି, ତାକୁ ତିଳେ ହେଲେ ନଜର ଦେଉନାହୁଁ । ଯେବେହେଲେ ସେ ତୋତେ କେଉଁ ମୁହୂର୍ତ୍ତରେ ଅନ୍ଧକୂପରେ ପକାଇଦେବ, ତା ପ୍ରତି ଟିକିଏ ସଯତ୍ନ ହୁଅ । ଏହା କେବଳ ପରମଗୁରୁ ଆଶ୍ରିତ ବ୍ୟକ୍ତି ଜାଣିପାରେ । ୩୦ ।

ଧଇଁସଇଁ ଧଡତ୍ତ ଧାମ ଧର୍ଷକ
ଧନ୍ଦାରେ ଧନ୍ଦ ଧ୍ୱଂସ ଧ୍ୱଜା ଧନ୍ଦକ ଯେ,
ଧର୍ମଜ୍ଞ ଧର୍ମଶାସ୍ତ୍ର ଧୀର ଧୀମାନ
ଧୃତ ଧନାଢ୍ୟ ଧର୍ମ୍ୟ ଧର୍ମାତ୍ମା ଧନ ଯେ । ୩୧ ।

Digitized by srujanika@gmail.com

ହେ ସୁଧୀର ବୃନ୍ଦ ! ଏବେହେଲେ ଧର୍ଷକ – ଦାମ୍ଭିକ ଆମ ଶରୀର, ଧଜଡ଼—ଗାଣ୍ଡି ହେଲ ଏବଂ ଧଇଁସଇଁ—ଶ୍ୱାସରୁଦ୍ଧ ହେବ । ଧନକ—ଧନଗର୍ବ, ଧନ୍ଦାରେ—ଜଞ୍ଜାଳରେ ଧନ୍ଦହୋଇ ଧ୍ୱଂସର ଧ୍ୱଜା—ପତାକା ଉଡାଉ ଅଛ; କିନ୍ତୁ ଧର୍ମଜ୍ଞ—ଧର୍ମର ନିଗୂଢ଼ ତତ୍ତ୍ୱଜ୍ଞମା, ଧୀର—ପଣ୍ଡିତମାନେ ଧୀମାନ—ବୁଦ୍ଧିବଳରେ ଧର୍ମଶାସ୍ତ୍ର—ଆଧ୍ୟାତ୍ମ୍ୟ ଶାସ୍ତ୍ର ଆଲୋଚନା କରି ଧୃତି—ଧୈର୍ଯ୍ୟର ସହିତ ଧର୍ମ୍ୟ—ନ୍ୟାଯ୍ୟ ଉପାୟରେ ଧର୍ମାତ୍ମା—ଧାର୍ମିକ ହୋଇ, ଧନାଢ୍ୟ ଧନ—ପ୍ରଚୁର ପରିମାଣରେ ଧର୍ମରୂପକ ଧନ ଉପାର୍ଜନ କରିଥାନ୍ତି । ଏହା କେବଳ ପରମଗୁରୁ ପରମବ୍ରହ୍ମ ଙ୍କ କୃପାରୁ ମନୁଷ୍ୟ ଲାଭ କରିଥାଏ, ନଚେତ୍ ଧ୍ୱଂସ ଅନିବାର୍ଯ୍ୟ ଅଟେ । ୩୧ ।

ନଖ ଶିଖ ନଅର ନବ ଦୁଆର
ନନ୍ଦନନ୍ଦନ ନନ୍ଦଘୋଷେ ନାଗର ଯେ,
ନିର୍ଗୁଣ ନାଟୁଆ ନାଚୁଛି ନୂତନ
ନିଦକେ ନିର୍ଜର ନବୀନ ନିର୍ଜନ ଯେ । ୩୨ ।

ହେ ସୁଜ୍ଞଜନମାନେ ! ଦେଖ, ନଖଶିଖ—ଆପାଦ-ମସ୍ତକ ଶରୀର ରୂପକ ନଅର ମଧ୍ୟରେ ଚକ୍ଷୁକର୍ଣ୍ଣାଦି ନଅଗୋଟି ଦୁଆର ରହିଅଛି । ତନ୍ମଧ୍ୟରେ ନିର୍ଜର—ଦେବତା, ନିର୍ଗୁଣ—ପରମାତ୍ମା, ନିର୍ଜନ—ନିରୋଳାରେ ନବୀନ ରୂପ ଧାରଣ କରି, ନିଦକେ—ଦକାଶୂନ୍ୟ ଭାବରେ

Digitized by srujanika@gmail.com

ନୟନ ମଧ୍ୟରେ ନନ୍ଦଘୋଷ ରଥରେ ନାଚୁଆ ନଟନାଗର ବେଶରେ ନାଚୁଅଛନ୍ତି । ସେହି ପରମାତ୍ମା ପରମବ୍ରହ୍ମଙ୍କୁ ଲବେ—ନିମିଷେମାତ୍ର ଲୟ କର । ଏହା କେବଳ ପରମଗୁରୁ ପରମବ୍ରହ୍ମଙ୍କ କୃପା ବଳରେ ମନୁଷ୍ୟ ଲଭ କରିଥାଏ । ୩୨ ।

ପଥର ପଥିକ ପରମ ପୁରୁଷ
ପରମାତ୍ମା ପକ୍ଷୀ ପ୍ରକୃତି ପଚିଶ ଯେ,
ପଞ୍ଚଭୂତ ପରିଣାମ ପଞ୍ଚବାଣ
ପରମ ଗତି ପରତ ପଞ୍ଚପ୍ରାଣ ଯେ । ୩୩ ।

ହେ ସୁଧୀର ବୃନ୍ଦ ! ଏହି ଦୁର୍ଲ୍ଲଭ ମନୁଷ୍ୟ ଶରୀରଟି ପଞ୍ଚଭୂତ ଅର୍ଥାତ୍ ପୃଥିବୀ, ଆପ, ତେଜ, ମରୁତ ଓ ବ୍ୟୋମ ଏବଂ ପଚିଶ ପ୍ରକୃତି ପଞ୍ଚବାଣ—କନ୍ଦର୍ପ, ପଞ୍ଚପ୍ରାଣ—ପ୍ରାଣ ଅପାନ, ବ୍ୟାନ, ଉଦାନ ସମାନର ସମଷ୍ଟି ସଂଯୋଗେ ପରମାତ୍ମା ପକ୍ଷୀ—ପରମହଂସ ପଥର ପଥିକ ସଦୃଶ, ଏ ଶରୀରରୂପକ ଜଳଠ ବୃକ୍ଷରେ ବସାକରି ରହିଅଛି । ସେ କେଉଁ ମୁହୂର୍ତ୍ତରେ ଉଡ଼ିଯିବ କେହି କହି ପାରିବେ ନାହିଁ, ତାଙ୍କ ସହିତ ପରଚ—ଚିହ୍ନା କଲେ ପରିଣାମରେ ପରମ ଗତି ଅର୍ଥାତ୍ ମୁକ୍ତିଲଭ କରିବ । ଏହା କେବଳ ପରମଗୁରୁ ପରମବ୍ରହ୍ମ ଆଶ୍ରିତ ବ୍ୟକ୍ତିମାନେ ଲଭ କରିଥାଆନ୍ତି । ୩୩ ।

Digitized by srujanika@gmail.com

ଫଅଁ ଫରୁଆ ଫମ୍ପା ଫାଶ ଫକାଣି
ଫଣିଧରର ଫୁରୁଣା ଫେସନ ଫାଶି ଯେ,
ଫୋଟକା ଫସ୍କା ଫଣା ଫେସାଦ ଫଣୀ
ଫନ୍ଦା ଫନ୍ଦ ଫାଟିବ ଫଲ୍‌ଗୁ ଫୁଟାଣି ଯେ । ୩୪ ।

ହେ ସୁଧୀର ବୃନ୍ଦ ! ମନୁଷ୍ୟ କେବଳ ଫକାଣି — ନିଃଶ୍ୱାସ ପ୍ରଶ୍ୱାସ ଶକ୍ତି ବଳରେ ଦମ୍ଭ ବାନ୍ଧି ଏବଂ ଶରୀରକୁ ବେଶଭୂଷା ଦ୍ୱାରା ନାନାଦି ଫେସନ କରି ଫସ୍କା—ହାଲୁକା ହୋଇ ନାନାଦି ଫେସାଦ—କଳହ ଅର୍ଥାତ୍ ବିତଣ୍ଡା ତର୍କ କରି ଫାଶ—ଅର୍ଥାତ୍ ନାନାଦି ବିଷୟାରୂପକ ରଜ୍ଜୁରେ ଆବଦ୍ଧ ହୋଇ ଫାଶି—ବନ୍ଧନ ହୋଇଅଛି । ଫମ୍ପା ଫରୁଆ ସଦୃଶ ଏବଂ ଶରୀର ସ୍ଥିତ ଫଲ୍‌ଗୁ ନଦୀର ନିକୁଟସ୍ଥ ଫଣୀଧର ଫଣା ବିସ୍ତାର କରି ଫଁ ଅର୍ଥାତ୍ ଯେଉଁ ଗର୍ଜନ କରୁଅଛି, ଏବଂ ନିଃଶ୍ୱାସପ୍ରଶ୍ୱାସ ତନ୍ତ୍ରିରେ ଫୁରୁଣା—ଆନନ୍ଦିତ ହୋଇ ଯେଉଁ ଫୁଟାଣି—ଆଡ଼ମ୍ବର କଥା ଦ୍ୱାରା ଫନ୍ଦା—ଜୀବିକା ଅର୍ଜନ ଫନ୍ଦ—କୌଶଳ ଫୋଟକା ସଦୃଶ କେଉଁ ମୁହୂର୍ତ୍ତରେ ଫାଟିଯିବ ଅର୍ଥାତ୍ ଉଭେଇ ଯିବ; ତେଣୁ ତା ପ୍ରତି ସଦାସର୍ବଦା ସତର୍କ ରହି ପରମ ଗୁରୁ ପରମବ୍ରହ୍ମଙ୍କୁ ଲକ୍ଷ୍ୟ କର । ୩୪ ।

ବ୍ରହ୍ମରନ୍ଧ୍ରେ ବିଶ୍ୱବୀଜ ବିଲୋକନ
ବାଜି ବାଗୁରୀ ବାଟ ବିଶ୍ୱ ଜୀବନ ଯେ,
ବିବୁଧେ ବିଧାତା ବୈଚିତ୍ର୍ୟ ବର୍ତ୍ତନ
ବିହରେ ବ୍ୟାଜରେ ବିଶ୍ୱର ବିଧାନ ଯେ । ୩୫ ।

Digitized by srujanika@gmail.com

ହେ ସୁଜ୍ଞଜନମାନେ ! ବିଲୋକନ—ଦେଖ, ବିଶ୍ୱଜୀବନ—ସଚରାଚର ବ୍ୟାପକ ବ୍ରହ୍ମ ବାଜି—ଇନ୍ଦ୍ରଜାଲ ସଦୃଶ, ବାଗୁରା—ଫାନ୍ଦରେ ବାତ—ପବନ ସ୍ୱରୂପ ଶରୀରସ୍ଥ ବ୍ରହ୍ମରନ୍ଧ୍ରେ—ସୁଷୁମ୍ନା ମାର୍ଗରେ ବିଶ୍ୱରାଜ—ପରମାତ୍ମା, ବ୍ୟାଜରେ—ଛଳରେ (କପଟରେ) ବିହାରେ—ଅର୍ଥାତ୍ ଭ୍ରମଣ କରୁଅଛି । ଏହାଙ୍କ ବିଧିର—ବ୍ରହ୍ମାଙ୍କର ଅର୍ଥାତ୍ ସୃଷ୍ଟି ସ୍ରଷ୍ଟାଙ୍କର, ବୈଚିତ୍ର୍ୟ ବର୍ଣ୍ଣନ—ଆଶ୍ଚର୍ଯ୍ୟ ରୂପକ କଥାମାତ୍ର ବିଧାନ—ନିୟମ ଅଟେ । ତେଣୁ ଏହି ଅନିତ୍ୟ ଶରୀରରେ ଅହଂଭାବ ପରିତ୍ୟାଗ କରି ପରମଗୁରୁ ପରମବ୍ରହ୍ମଙ୍କୁ ସାକ୍ଷାତ ନିମିତ୍ତ ଯତ୍‌ପରୋନାସ୍ତି ଚେଷ୍ଟା କରିବା ମନୁଷ୍ୟ ଜୀବନର ସାର୍ଥକତା ଅଟେ । ଏହା କେବଳ ପରମଗୁରୁ ସେବିତ ବ୍ୟକ୍ତିମାନେ ଲାଭ କରିଥାନ୍ତି । ୩୫ ।

ଭ୍ରମରେ ଭ୍ରମର ଭ୍ରସଲେ ଭୁଲନା
ଭାନୁଜା ଭୈରବ ଭୋଗିବୁ ଭର୍ତ୍ସନା ଯେ
ଭବନେ ଭୈରବ ଭୈରବୀ ଭାବନ
ଭାସୁର ଭାଳେ ଭାର୍ଗବୀ ଭଗବାନ ଯେ । ୩୬ ।

ରେ ମନ ଭ୍ରମର ! ତୁ ଭ୍ରମରେ—ଭୁଲରେ, ଭ୍ରସଲେ—ଉନ୍ମତ୍ତ ହୋଇ ଅର୍ଥାତ୍ ବିଷୟୀ ବିଷରେ ପାଗଳ ହୋଇ ଭୁଲି ଯାଅନା । ଭାନୁଜା—ଯମୁନା, ଯମୁନା ନଦୀ ଅର୍ଥାତ୍ ତ୍ରିକୁଟସ୍ଥ ଯେଉଁଠାରେ ଗଙ୍ଗା ଯମୁନା ଓ ସରସ୍ୱତୀର

Digitized by srujanika@gmail.com

ଫଗମଣ୍ଡଳ, ସେଠାରେ ଭୈରବ—ଭୟଙ୍କର, ଭର୍ତ୍ସନା—ତିରସ୍କାର ଭୋଗ କରିବୁ ଅର୍ଥାତ୍ ବାଟବଣା ହୋଇଯିବୁ । ଭଜନେ—ନିଜ ଶରୀର ରୂପକ ଗୃହରେ, ହୃଦୟଚକ୍ର ସ୍ଥିତ ସ୍ୱର୍ଗସୀ—ଲକ୍ଷ୍ମୀଙ୍କ ସହିତ ଭଗବାନ କପଟ ଗ୍ରସ୍ତର—ଧାପ୍ତଶାଳୀ ଅଛନ୍ତି । ଘଟେ—ଲଲାଟେ ଅର୍ଥାତ୍ ତ୍ରିକୁଟକୁ ଲକ୍ଷ୍ୟ ରଖି ଧ୍ୟାନ ଦ୍ୱାରା ହୃଦୟ ଚକ୍ର ବାଟ ଦେଇ କଣ୍ଠଚକ୍ର ସ୍ଥିତ ଭୈରବ ଭୈରବୀ—ଶିବ ପାର୍ବତୀଙ୍କୁ ଭାବନା କଲେ, ମୁକ୍ତ ହୋଇ ପାରିବୁ । ଏହା କେବଳ ପରମଗୁରୁ ପରମବ୍ରହ୍ମାଶ୍ରିତ ବ୍ୟକ୍ତିମାନଙ୍କ ପକ୍ଷରେ ସୁଗମ ହୋଇ ପାରେ । ୩୬ ।

ମଦ ମତ୍ସର ମୋହ ମାୟାରେ ମନ
ମଞ୍ଜୁଳ ମଞ୍ଜୁଷା ମଣ୍ଡପ ମଣ୍ଡନ ଯେ,
ମମତାରେ ମଜ୍ଜନ୍ତୁ ମୀନକେତନ
ମନ୍ମଥ ଧ୍ୱଜେ ମଣୁନ୍ତୁ କ ମଉନ ଯେ । ୩୭ ।

ରେ ମୂଢ଼ମନ ! ମଞ୍ଜୁଷା—ପେଡ଼ି ସଦୃଶ, ମଣ୍ଡପ—ମନ୍ଦିର ଅର୍ଥାତ୍ ଶରୀରକୁ ମଞ୍ଜୁଳ—ସୁନ୍ଦର ରୂପରେ, ମଦ—ଗର୍ବ, ମୋହ—ଅଜ୍ଞାନ, ମତ୍ସର—ହିଂସା ସ୍ୱରୂପ ମାୟାରେ ମଣ୍ଡନ—ଆଭରଣ କରିଅଛୁଁ, ଏସବୁମାନଙ୍କର ମମତା ରୂପକ, ମୀନକେତନ—ସମୁଦ୍ରରେ ମଜ୍ଜନ୍ତୁ ଅର୍ଥାତ୍ ବୁଡ଼ିରହିଛୁ, ମଣୁନ୍ତୁକି ଗରୁଡ଼ କି, ମନ୍ମଥଧ୍ୱଜେ—ଶମନକୁ ମଉନ ଭାବରେ ବସିଅଛୁ ? ନା, ସେ ସର୍ବଦା ସଞ୍ଚାଣ

Digitized by srujanika@gmail.com

ସଦୃଶ ତୋତେ ଝାମ୍ପି କରି ବସିଅଛି । କେଉଁ ମୁହୂର୍ତ୍ତରେ ମାରିନେବ, ତା ପ୍ରତି ସତର୍କ ରହ, ଅର୍ଥାତ୍ ପରମଗୁରୁ ପରମବ୍ରହ୍ମଙ୍କ ପାଦପଦ୍ମକୁ ଆଶ୍ରୟ କର, ତା ନ ହେଲେ ଠିକ୍ ବେଳକୁ ଭୁ ଠକିଯିବୁ । ଏହା କେବଳ ପରମବ୍ରହ୍ମ ଆଶ୍ରିତ ବ୍ୟକ୍ତି ଲାଭ କରିଥାନ୍ତି । ୩୭ ।

ଯତୀନ୍ଦ୍ର ଯଦୁପତି ଯନ୍ତ୍ର ଯତନ
ଯାଜକ ଯାଗ ଯଣ ଯତି ଯଜନ ଯେ,
ଯଥାଯଥରେ ଯମ ଯାମ ଯାତନା
ଯୁକ୍ତାଯୁକ୍ତ ଯମକ ଯାଗି ଯମୁନା ଯେ । ୩୮ ।

ହେ ବନ୍ଧୁଗଣ ! ଯନ୍ତ୍ର—ଦେବତାଙ୍କ ଅଧିଷ୍ଠାନ ତନୁ, ଯତୀନ୍ଦ୍ର—ପରମହଂସ, ଯଦୁପତି—ଶ୍ରୀକୃଷ୍ଣଙ୍କୁ ଯଥାଯଥରେ—ଠିକ୍ ସମୟରେ, ଯମ—ସଂଯମ ହୋଇ ଯାମ—ପ୍ରହର ଅର୍ଥାତ୍ କିଛି ସମୟ ଯାତନା—କ୍ଲେଶ ଅନୁଭବ କରି ଯୁକ୍ତାଯୁକ୍ତ—ନ୍ୟାଯ୍ୟୋଚିତ ଅର୍ଥାତ୍ ବିଧିବିଧାନ ପୂର୍ବକ ଯମୁନା ଅର୍ଥାତ୍ ତ୍ରିକୂଟସ୍ଥ ଇଙ୍ଗଳା, ପିଙ୍ଗଳା ଅର୍ଥାତ୍ ଚନ୍ଦ୍ର ଓ ସୂର୍ଯ୍ୟ ନାଡ଼ୀର ଯମକ—ପୁନରାବୃତ୍ତି କରି, ଯାଗି—ଯାଟିଆର ହୋଇ ଅର୍ଥାତ୍ ସାବଧାନ ହୋଇ, ଯାଜକ—ଯଜ୍ଞକର୍ତ୍ତା ହିସାବରେ ଯାଗ—ଯଜ୍ଞ, ଯଜନ—ଯାଗର ପୂଜା ଉପକରଣ ଅର୍ଥାତ୍ ଅପାନ ବାୟୁରେ ପ୍ରାଣବାୟୁକୁ ଏବଂ ପ୍ରାଣ ବାୟୁରେ ଅପାନ ବାୟୁକୁ ହୋମ କରି ଯତି—ତପସ୍ୱୀ, ଯଦୃଶ ଅର୍ଥାତ୍

Digitized by srujanika@gmail.com

ଗୃହରେ ରହି ମଧ୍ୟ ଯୋଗୀଙ୍କ ସଦୃଶ ଯଶ ଅର୍ଜ୍ଜନ କର । ଏହା କେବଳ ପରମଗୁରୁ ଆଶ୍ରିତ ବ୍ୟକ୍ତିମାନଙ୍କ ପକ୍ଷେ ସହଜ ଓ ସୁଗମ ଅଟେ । ୩୮ ।

ରଜନୀକର ରବି ରଙ୍ଗମଞ୍ଚସ୍ଥ
ରଙ୍ଗ ରସର ରଙ୍ଗାଜିବ ରଚିତ ଯେ,
ରସୂଲ ରାଢ଼ ରକ୍ତ ରଚିବୁ ରଣ
ରାସ ରାଜିତ ରକ୍ଷା ରମାରମଣ ଯେ । ୩୯ ।

ହେ ସୁଧୀର ବୃନ୍ଦ ! ରଜନୀକର—ଚନ୍ଦ୍ର ଓ ରବି ନାନାବିଧ ଶରୀର ରୂପକ ରଙ୍ଗମଞ୍ଚସ୍ଥ—ଅଭିନୟ ସ୍ଥାନରେ, ରଙ୍ଗାଜିବ—ଚିତ୍ରକର ସଦୃଶ ନାନାବିଧ ଘଟକୁ; ରଚିତ—ତିଆରି କରି, ଖେଳ କରୁଅଛନ୍ତି, ତାଙ୍କୁ ଅନୁଭବ କର, ଯେତେବେଳେ ରାଢ଼—ନିର୍ଦ୍ଦୟ, ରକ୍ତ ଅର୍ଥାତ୍ ଲାଲବର୍ଣ୍ଣ; ରସୂଲ—ଈଶ୍ୱରଙ୍କ ଦୂତ, ଅର୍ଥାତ୍ ପ୍ରେତାଧିପତି ରୁଦ୍ର ହୋଇଛନ୍ତି ପ୍ରଳୟକର୍ତ୍ତା । ତାଙ୍କର ଦୂତ ହୋଇଛନ୍ତି ଶମନ, ଆସି ପହଞ୍ଚିଲେ, ରବି ଓ ଚନ୍ଦ୍ରଙ୍କ ସହିତ ପରିଚିତ ଥିଲେ, ଶମନ ସହିତ ରଚିବୁ ରଣ—ଯୁଦ୍ଧ କରିବୁ ଅର୍ଥାତ୍ ଯୋଗ ଦ୍ୱାରା ତାଙ୍କ ସହିତ ଯୁଦ୍ଧ କରି, ରାସରାଜିତ ରମାରମଣ—ରାହାସସ୍ଥଳୀରେ ଶୋଭିତ ଯୁଗଳ ମୂର୍ତ୍ତି ରାଧାକୃଷ୍ଣଙ୍କୁ ଭେଟିଲେ ସେ ତୋତେ ଶମନ ଭୟରୁ ରକ୍ଷା କରିବେ ଅର୍ଥାତ୍ ଅପମୃତ୍ୟୁରୁ ଏଡାଇ ଦେଇ ପାରିବୁ । ଏହା କେବଳ ପରମଗୁରୁ ଆଶ୍ରିତ ବ୍ୟକ୍ତିମାନେ କରି ପାରନ୍ତି । ୩୯ ।

Digitized by srujanika@gmail.com

ଲୋକନାଥ ଲାବଣ୍ୟ ଲକ୍ଷ ଲପନ
ଲୂତା ଲହସ୍ତ ଲଘୁ ଲୀଳା ଲୋକନ ଯେ ।
ଲୋଲୁପ ଲେଖମାନ ଲେଛୁବା ଲଭ
ଲୋକାନ୍ତରିତ ଲୂନ ଲସତ ଲଭ ଯେ । ୪୦ ।

ହେ ସୁଜ୍ଞଜନମାନେ ! ମନକୁ ଲୂତା—ଊର୍ଣ୍ଣନାଭ ଅର୍ଥାତ୍ ବୁଢ଼ିଆଣୀ ସୂତା ସଦୃଶ ଲଘୁ—ସୂକ୍ଷ୍ମ କର, ଲୋଲୁପ—ଅତି ଲୋଭ, ଅର୍ଥାତ୍ ମାୟା ସଂସାରରେ ମଜ୍ଜିଥିବା ଲୋକର ଶ୍ରଦ୍ଧାକୁ ଲେଛୁବା—ତ୍ୟାଗକର, ଲସତ ସମସ୍ତ ଦାଲୁକା ହୋଇ ଲେଖମାନ ପ୍ରତ୍ୟକ୍ଷ ଲୋକନାଥ—ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କର ଲାବଣ୍ୟ ଲପନ—ସୌନ୍ଦର୍ଯ୍ୟପୂର୍ଣ୍ଣ ମୁଖମଣ୍ଡଳକୁ ଲୋକନ—ଦେଖିବା ନିମିତ୍ତ ଲକ୍ଷ—ଦୃଷ୍ଟି, ଲଭ—ପ୍ରାପ୍ତ ଅର୍ଥାତ୍ ଦୃଷ୍ଟି ରଖ । କେଉଁ ମୁହୂର୍ତ୍ତରେ ତୋ ଲୀଳା, ଅର୍ଥାତ୍ ଭବଲୀଳା ବା ସଂସାର ଖେଳ ଶେଷ ହୋଇଯିବ, ଲୂନ—ଛିନ୍ନ ଅର୍ଥାତ୍ ସୂକ୍ଷ୍ମ ସୂତା ଛିଣ୍ଡିଯିବ ଏବଂ ଲୋକାନ୍ତରିତ, ମୃତ ହୋଇଯିବ, ତେଣୁ ଆଗରୁ ସତର୍କ ରହ । ଏହା କେବଳ ପରମବ୍ରହ୍ମ ଆଶ୍ରିତ ବ୍ୟକ୍ତିମାନେ ଲାଭ କରିପାରନ୍ତି ।୪୦।

ବାଲ୍ୟରୁ ବାର୍ଦ୍ଧକ୍ୟ ବୈରାଗ୍ୟ ବ୍ୟସନ
ବିହାର ବାରିଧି ବିତାନ ବିମାନ ଯେ ।
ବଣିକ ବୈଶ୍ୟ ବାଣିଜ୍ୟ ବିଭବ
ବୁଦ୍‌ବୁଦ୍ ବିକ୍ରମ ବାରମ୍ବାର ଯେ । ୪୧ ।

Digitized by srujanika@gmail.com

ହେ ସୁଧୀର ବୃଦ୍ଧ ! ଭ୍ରବବେଗ, କ୍ଷଣିକ—ବେଗାଣ୍ଡ ସ୍ବରୂପ, ବୁଦ୍ ବୁଦ୍ ପାଣିଫୋଟକା ସମ, ଖଞ୍ଜନ—ପକ୍ଷୀ ଅର୍ଥାତ୍ ପ୍ରାଣପକ୍ଷୀ, ଚଟାଣ- ବ୍ରହ୍ମାଣ୍ଡ ସ୍ବରୂପ, ସମାନ— ଅନ୍ତରୀକ୍ଷରୁ ପୃଥିବୀ ପର୍ଯ୍ୟନ୍ତ, ବଇଶ—ଷଟ୍ ଅର୍ଥାତ୍ ଲୋଭ, ମୋହ, କାମ, କ୍ରୋଧ, ମଦ ଓ ମାତ୍ସର୍ଯ୍ୟକୁ ବାଣିଜ୍ୟ ବ୍ୟବସାୟ କରୁଅଛି ଅର୍ଥାତ୍ ସ୍ବେଦଜ, ଅଣ୍ଡଜ, ଉଦ୍ଭିଜ୍ଜ, ଜରାୟୁଜ ଏହି ଚଉରାଶୀ ପ୍ରାଣୀ ମଧ୍ୟରେ ବାରମ୍ବାର— ଅରଣ୍ୟରେ ଯିବାଆସିବା କରୁଅଛି ଅର୍ଥାତ୍ ଜନ୍ମ ମରଣ ରୂପକ ଖେଳ କରୁଅଛି । ତନ୍ମଧ୍ୟରୁ ଦୁର୍ଲ୍ଲଭ ମନୁଷ୍ୟ ଜନ୍ମ ହୋଇଛି, ତାହାର ଶ୍ରେଷ୍ଠ ଖେଳ ଅର୍ଥାତ୍ ଶ୍ରେଷ୍ଠ ବ୍ୟବସାୟ । ହେ ମୂଢ଼ମନ ! ବାଲ୍ୟରୁ—ପିଲାଦିନରୁ, ତାରୁଣ୍ୟ—ବୃଦ୍ଧାବସ୍ଥା ପର୍ଯ୍ୟନ୍ତ, ବାରିଧି—ସମୁଦ୍ର ଅର୍ଥାତ୍ ସଂସାର ରୂପକ ସମୁଦ୍ରରେ ବାଙ୍କୁଲ—ଜନ୍ତୁ ହୋଇ ବ୍ୟସନ—ଲୋଭ ଜଳଧାରେ ମାତି, ବିହାର— ଭ୍ରମଣ କରୁଅଛୁ । ଯେବେହେଲେ ମୂଢ଼ଙ୍କ ସଙ୍ଗରେ, ବୈରାଗ୍ୟ—ଜରଣ ହେଉନାହୁଁ ; ଭବିଷ୍ୟତରେ ତୋର ଅବସ୍ଥା କଅଣ ହେବ ! ପୁରାଣ ଶାସ୍ତ୍ର ରୂପକ ଆଇନରୁ ବୁଝିପାରୁନାହୁଁ କି ? ମୂଢ଼ଙ୍କ ସଙ୍ଗରେ ତାଙ୍କ ସଂସର୍ଗ ଲଭନ୍ତୁ । ୯୧ ।

ଶତ୍ରୁତ ଶଷର ଶଙ୍ଖାଗ ଶାମ୍ଭଷ
ଶତ୍ରୁଙ୍କ ଶକ୍ରୁନ ଶୁଚିକ ଶପର ଯେ ।
ଶଠ ଶୋଭନ ଶର୍ମା ଶବସ୍ତ ମୂଳ
ଶୀର୍ଷେ ଶଶଧରୁ ଶଷସ୍ବ ଶଗଳ ଯେ । ୨ ।

Digitized by srujanika@gmail.com

ହେ ମୂଢ଼ଜନ ! ଶାମ୍ବସ୍ତ—ଇନ୍ଦ୍ରଜାଲରୂପକ; ଶମ୍ପା—ବିଜୁଳି ସଦୃଶ, ଶଠ—ପ୍ରତାରକ ଅର୍ଥାତ୍ ବଗାଧିଆ, ଶବ—ମୃତ ଶରୀର ଯେ ନ. ଆବୃତ—ବସ୍ତ୍ର, ପୁଷ୍ପ, ମଳରେ ଶୋଭନ—ଶୋଭା ପାଉଅଛୁ ଯେ ନ ସ୍ୱଭାବ—ବୃଷ୍ଟ ଶକୁନ-ପକ୍ଷୀ ଓ ଶୃଗାଳ ପ୍ରଭୃତିଙ୍କ ଆହାର; ତାହାକୁ ତୁ ଶଙ୍କାନ—ଧନ, ସମ୍ପଳ ମନେକରି, ଶରତ—ମେଘଣ୍ଡି ମାତ୍ର ସଦୃଶ ପରଂପର ଦେଖୁଅଛୁ ଅର୍ଥାତ୍ ଚଞ୍ଚ କରୁଅଛୁ, ତାହା କ୍ଷଣକରେ ଲୋପ ହୋଇଯିବ । ଯଂଶମାତ୍ର ଶୀର୍ଷ—ମସ୍ତକରେ, ଶଶଧର—ଚନ୍ଦ୍ର ସଦୃଶ ଶୋଭା ପାଉଥିବା ସରଜ—ନିଷ୍କପଟ, ଶଙ୍କର—ସଦାତ୍ମା ପ୍ରଭୁ ଲକ୍ଷ ଭଗ ଏବଂ ଭାଗ ନଦେଁଶ ମାନ ତଳ, ଭବସାଗରେ ଉଦ୍ଧାର ପାଇବୁ । ଏହା କେବଳ ପରମଗୁରୁ ପରମବ୍ରହ୍ମାଣ୍ଡର ବାକ୍ୟମାନଙ୍କ ପକ୍ଷ ଅତ ସୁଗମ ଅଟେ । ୨ ।

ଷଡ଼ଙ୍ଗ ଷଟ୍ପଦ ଷଡ଼ ଷଡ଼ଙ୍ଗ
ଷଡ଼ରିପୁ ଷୋଡ଼ଶ ସ୍ତୋତ୍ର ଷଡ଼ଙ୍ଗ ଯେ
ଷଡ଼ ବର୍ଣ୍ଣନ ଷଡ଼ ଯନ୍ତ୍ରେ ଷଣ୍ଡ
ଷଷ୍ଟାଙ୍ଗମସ୍ତ ଷଡ଼ଚକ୍ରରେ ଷଣ୍ଡ ଯେ । ୩ ।

ରେ ମନ ! ଷଟ୍ପଦ—ଭ୍ରମରକୁ ଗନ୍ଧ—ସୁଗନ୍ଧ ଷଣ୍ଡ ମାଟିପାଏ ସଦୃଶ ଷଡ଼ଙ୍ଗ—ଦୁଇବାହୁ, ଦୁଇପାଦ କଟି ଓ ମସ୍ତକ ଏବଂ ଷଡ଼ରିପୁ—କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଓ ଷଡ଼ଙ୍ଗ—ନାକ, କଣ୍ଠ, ଶିର,

Digitized by srujanika@gmail.com

ତାଳୁ, ଜିହ୍ୱା ଓ ଦନ୍ତ ଏହି ଛଅ ସ୍ଥାନରୁ ଜାତ ସ୍ୱରଦାସ ଷଡ଼ଯନ୍ତ୍ର—ଚତାନ୍ତ ସହ ଷଷ୍ଟାଷ୍ଟମସ୍ଥ—ଜଗତ ମଧ୍ୟରେ ସୁବିଧ ହୋଇ ଷଣ୍ଢ ଅର୍ଥାତ୍ ବଳବାନ୍ ହୋଇଅଛୁ; କିନ୍ତୁ ଷଡ଼ଙ୍ଗ ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଜ୍ୟୋତିଷଛନ୍ଦ ଏହି ଛଅ ବେଦାଙ୍ଗ ଓ ଷଡ଼ ଦର୍ଶନ—ପୂର୍ବ, ମୀମାଂସା, ବେଦାନ୍ତ, ନ୍ୟାୟ, ସାଂଖ୍ୟ, ପାତଞ୍ଜଳ, ବୈଶେଷିକ ଏହି ଛଅଗୋଟି ଦର୍ଶନ ଶାସ୍ତ୍ରର ମର୍ମ ଅବଗତ ନୋହିଲେ; ଷଣ୍ଢ—ନପୁଂଷକ ହୋଇଯିବୁ ଅର୍ଥାତ୍ ତୋର ସମସ୍ତ ବଳ ଶୂନ୍ୟ ହୋଇଯିବ । ପୂର୍ବୋକ୍ତ ଶାସ୍ତ୍ର ସମୂହର ସାରମର୍ମ ବୁଝି ଦେଖ, ଶରୀରର ଷଡ଼ଚକ୍ରସ୍ଥ; ଷୋଡ଼ଶ-ଦଳ, ସ୍ତୋତ୍ର—ଭଣ୍ଡାର ସ୍ଥିତ ଦେବତାଙ୍କୁ ମୁକ୍ତିଦାୟକ ଅଟନ୍ତି, ଏହା କେବଳ ପରମଗୁରୁ ସେବାଦ୍ୱାରା ହିଁ ଲାଭ କରାଯାଏ ।

ସଂଯମୀ ସାଧୁ ସନ୍ଥ, ସଙ୍ଗ ସଙ୍ଗମ
ସଚ୍ଚିଦାନନ୍ଦ ସଦ ସ୍ନାସ୍ଥ୍ୟ ସକ୍ଷମ ଯେ ।
ସତର୍କେ ସାନନ୍ଦେ ସରସୀ ସାରସ
ସଂସାର ସଂସାରୀ ସଜ୍ଜନ ସନ୍ତୋଷ ଯେ । ୭୮ ।

ରେ ମୂଢ଼ମନ ! ତୁ ଏହି ସଂସାରରେ ସଂସାରୀ—ଗୃହସ୍ଥ ହୋଇ ସତର୍କେ ସାବଧାନତା ସହ ସାନନ୍ଦେ—ଆନନ୍ଦରେ ସନ୍ତୋଷ ହୋଇ, ସଂଯମୀ—ଜିତେନ୍ଦ୍ରିୟ ବଳରେ ସାଧୁ, ସନ୍ଥ ଓ ସଜ୍ଜନମାନଙ୍କ ସାଙ୍ଗ ହୋଇ-

Digitized by srujanika@gmail.com

ପାରିଲେ ସଂଗମ—ଗଙ୍ଗା, ଯମୁନା ଓ ସରସ୍ୱତୀର ମିଳନ ସ୍ଥଳୀ ଅର୍ଥାତ୍ ତ୍ରିକୂଟକୁ ଧ୍ୟାନ କଲେ, ସରସୀ—ସରୋବରରେ ଖେଳ କରୁଥିବା ସାରସ—ହଂସ ସ୍ୱରୂପ ସଚ୍ଚିଦାନନ୍ଦ—ପରମାତ୍ମା ପୁରୁଷଙ୍କ ସହ, ସ୍ନାୟୁ—ଶରୀର ବ୍ୟାପୀ ସୂକ୍ଷ୍ମ ଶିରଶ୍ଳେଷ କେନ୍ଦ୍ରର, ସାକ୍ଷାତ କରିବାକୁ ସକ୍ଷମ ହୋଇ ପାରିବୁ। ଏହା କେବଳ ପରମଗୁରୁଙ୍କ ସେବା ବଳରେ ହିଁ ସାଧନ ହୋଇଥାଏ।

ହଂସଟି ହେମନ୍ତ ସରବର ହାସ
        ହଂସା ଯେ ଉଡ଼ିଗଲେ ହୋଇବୁ ହାସ ଯେ।
ହିଅରୁ ଚେତ ହିକ୍କା ହେବୁ ଜଡ଼ତ
        ହତଜ୍ଞାନ ହୋଇଣ ଡାକବୁହାକ ଯେ। ୪୫।

ରେ ମୂଢ଼ମନ! ଯେଉଁ ହଂସ—ପରମାତ୍ମା ଏହି ଶରୀରରେ ରହିଛନ୍ତି ବୋଲି ହେମନ୍ତ—ସାହସ ବାନ୍ଧିଅଛୁ, ସେହି ହଂସା—ପ୍ରାଣପକ୍ଷୀ ଉଡ଼ିଗଲେ—ଉଡ଼ିଗଲେ ଅର୍ଥାତ୍ ପ୍ରାଣ ଯିବାବେଳେ ହିଅରୁ—ବକ୍ଷସ୍ଥଳରୁ ଯେଉଁ ହିକ୍କା ବାହାରିବ, ସେତେବେଳକୁ ତୁ ଜଡ଼ତ—ଗ୍ରସ୍ତ ହୋଇ ହତଜ୍ଞାନ—ବୁଦ୍ଧିଶୂନ୍ୟ ହୋଇଯିବୁ ଏବଂ ହାସ—ମନୋଜ୍ଞ ଅର୍ଥାତ୍ ତୋର ମନମୋହପଣିଆ ହଜିଯିବ। ତୁ ଡାକବୁ—ଉଚ୍ଚସ୍ୱରରେ ହାକ—ଡାକଗୁଡ଼ିକ କେହି ଶୁଣିବେ ନାହିଁ। ହର, ହର ଅର୍ଥାତ୍ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ହେଲେ ମଧ୍ୟ

Digitized by srujanika@gmail.com

ତାଙ୍କ ନିକଟରେ ତାର—ଗୁଡ଼ାକ ଜଳେ ସୁଧା ତାଙ୍କ ଗୁଡ଼ାକ ଶୁଣାଯିବ ନାହିଁ; ତେଣୁ ତୁ ତା ପ୍ରଭୁଙ୍କ ପରମଗୁରୁଙ୍କର ଆଶ୍ରୟ ନିଅ । ୪୫ ।

କ୍ଷୁଧାର୍ତ୍ତ କ୍ଷେତ୍ରଟିର କ୍ଷଣକେ କ୍ଷୟ
କ୍ଷିତିଶ କ୍ଷାନ୍ତ କ୍ଷେତ୍ରଜ୍ଞ କ୍ଷମଣୀୟ ଯେ ।
କ୍ଷିତିଜ କ୍ଷୁବ୍ଧ କ୍ଷୋଭ କ୍ଷରଣ କ୍ଷୀର
କ୍ଷାତ କ୍ଷାନ୍ତରୁ କ୍ଷତ୍ର କ୍ଷୁଧାର୍ତ୍ତ କ୍ଷାଳ ଯେ । ୪୬ ।

ହେ ଭକ୍ତବୃନ୍ଦ ! ଯେଉଁ—କ୍ଷୁଧାର୍ତ୍ତ କ୍ଷେତ୍ରଜ, କ୍ଷେତ୍ରଟିର—ଶରୀରଟିର କ୍ଷୁଧା ମେଣ୍ଟାଇବା ପାଇଁ, କ୍ଷରଣ କ୍ଷୀର—ସଦାସର୍ବଦା ବାହାରୁଥିବା ଦୁଗ୍ଧ ଭଳି ମିଳୁଥିବା ନାନାଦ ସ୍ଵାଦକୁ ଖାଦ୍ୟ ଅର୍ଥାତ୍ ଜିହ୍ଵା ଭକ୍ଷଣ ଲବ୍ଧ ଲାଳସାରେ ବଶବର୍ତ୍ତୀ ହୋଇଅଛୁ ଏବଂ କ୍ଷତ୍ର—ଅନୁଭୂତ ସ୍ଵାର୍ଥଜନକ କ୍ଷାନ୍ତ—ସନ୍ତୁଷ୍ଟତା, କ୍ଷାତ—ପ୍ରଶଂସା ଲାଭ କରିବାରେ କ୍ଷିତିଜ—ପୃଥିବୀ ଓ ଆକାଶ ମିଳନ ସ୍ଥଳ ଅର୍ଥାତ୍ ଦିଗବଳୟ ସଦୃଶ ଅସୀମ, କ୍ଷୁବ୍ଧ—ବ୍ୟାକୁଳ ଓ କ୍ଷୋଭ—ଦୁଃଖ ପ୍ରକାଶ କରୁଅଛୁ ତାହା କ୍ଷାର ସଦୃଶ ଅର୍ଥାତ୍ କ୍ଷାର ଯେପରି ପାଣିରେ ପଡ଼ିଲେ ମିଳାଇଯାଏ, ତାହା କ୍ଷଣକରେ କ୍ଷୟ ହୋଇଯିବ, ତାକୁ କ୍ଷିତିଶ—ଈଶ୍ଵର କିମ୍ବା କ୍ଷେତ୍ରଜ୍ଞ—ପରମାତ୍ମା କ୍ଷମଣୀୟ—କ୍ଷମା କରିବାକୁ କ୍ଷାନ୍ତ ହେବେ—ରହିତ ହେବେ ଅର୍ଥାତ୍ କ୍ଷୟଶୀଳ ଶରୀରର ନଶ୍ଵର କ୍ଷୟ ହେବ ! ତେଣୁ ତୁମ

Digitized by srujanika@gmail.com

ଧର୍ମର ଜ୍ଞାନ ଅନୁସରଣ କର, ଭଗବାନଙ୍କରେ ଭକ୍ତି ସଦାଶେ, ଶତ୍ରୁମାନଙ୍କୁ ସଜାଗ ରୁହ ଏବଂ ସଦ୍‌ଗୁରୁଙ୍କର ଆଜ୍ଞାରେ ଜପ ଓ ଧ୍ୟାନ ଲଭିବା ପୂର୍ବରୁ ଧର୍ମରେ ଚୈତ ଲାଭକର । ୨୨ ।

—ସମାପ୍ତ—

ଭକ୍ତ ଚିନ୍ତାମଣି

ହରି ଓଁ ତତ୍‌ସତ୍

—ଭଜନ ଚଉତିଶା—

(ମନବୋଧ ଚଉତିଶା ବୃତ୍ତେ).

ଓଁ ଶ୍ରୀ ଶ୍ରୀ ପରମାତ୍ମନେ ନମଃ

କରୁଛୁ କ୍ଷୀର ସଦା ଚକ୍ଷୁ ମୂଳରୁ
କ୍ଷଣେ ତୁ କର ଲକ୍ଷ୍ୟ ପରମ ଗୁରୁ ଯେ ।
କ୍ଷୀର କବରୁ ପାନ କର ଖେଚରୀ
କ୍ଷୁଧା ପିପାସା ଦୂର ପାଇବୁ କରି ଯେ । ୧ ।
ହବନ ଜନ୍ମ ପ୍ରାଣ ଅପାନ ସୂତେ
ହଂସ ପାଇବୁ ବାନ୍ଧ ଆନନ୍ଦ ଛନ୍ଦେ ଯେ ।
ହବ ହରଙ୍କୁ ଧାୟୀ ଚଳ ଭ୍ରୁବିତୋ
ହଂସଟି ଯିବ ଉଡ଼ି ନାହିଁ ପରତେ ଯେ । ୨ ।
ସ ଓ ଯେ ଯାଉଅଛୁ ଅସ୍ତୁ ହଓ
ସନ୍ଧାନ ନ ପାଇଲେ ସଙ୍କଟ ମୋକ୍ଷ ଯେ ।
ସନ୍ତୋଷେ ରଖ ଚାକୁ ନ ବେଳ ବ୍ୟଥା
ସକଳ ସ୍ଥାନେ ସଦା କହୁଛୁ କଥା ଯେ । [illegible] ।

Digitized by srujanika@gmail.com

ଷଡ଼୍‌ବର୍ଗ ତାଠାରୁ ଦୂରେ ରହିଛି
ଷଡ଼ ଐଶ୍ୱର୍ଯ୍ୟ ପୁଣି ତାଠାରେ ସ୍ଥିତ ଯେ ।
ଷଟ୍‌ପଦ ସ୍ୱତ୍ର ବଳେ ତମ୍ଭେ ସତତ
ଷଡ଼ ବର୍ଗକୁ ନାଶ କରାଇ ଚାଲ ଯେ । ୪ ।
ଶରୀର ନୁହେଁ ଏହୁ କେବଳ ମନ୍ଦିର
ଶମନ ବସିଅଛୁ ସଦା ଦୁଆର ସେ ।
ଶୀତଳ ବାତ ପିଉ ସଉନୀ ଯେମନ
ଶ୍ରଦ୍ଧା ସ୍ନେହ ମମତା ନାହିଁ ବସ୍ତ୍ରିମା ଯେ । ୫ ।
ବଳ ବପୁ ଐଶ୍ୱର୍ଯ୍ୟ ନ ହୁଏ ଲେଖା
ବଳ ତା ଅଟେ ଉର୍ଦ୍ଧ୍ୱ ପର୍ବ ଯୋଡ଼ା ଯେ ।
ବଳିଷ୍ଠ ପଣେ ସମ ଶନଷ୍ଟବନେ
ଉତ୍ତମ ଦେଖାଇବ ନାହିଁ କେ ଜଣେ ଯେ । ୬ ।
ଲବେ ନିମିଷେ ଲସ୍ୟ ନ କରୁ କୃଷ୍ଣ
ଲକ୍ଷ୍ମୀ ଯା ପାଦପଦ୍ମେ ନିରତେ ଧାତ୍ରୀ ଯେ ।
ଲକ୍ଷ୍ୟସ୍ଥଳକୁ ଲକ୍ଷ୍ୟ ରଖ ସତତ
ଲବଣୀ ପିଚ୍ଛଳାରେ ନ ବଳା ଚିତ୍ତ ଯେ । ୭ ।
ସବୁଛି ସ୍ୱମନାମ ନିରତେ ହଂସ
ରବି ଶଶୀକୁ ଜାଗି ଶାରଣ ପଣ ଯେ ।
ରଖ ହଂସକୁ ନେଇ ତ୍ରିବେଣୀ ତଟ
ରକ୍ଷା କରିବ ତୋତେ ଫେଡ଼ି ସଂକଟ ଯେ । ୮ ।
ଯମୁନା ଉଚ୍ଛୁଳବ ତନ୍ତ୍ର ଉଛାଣି
ଯମୁନା ଭାତା ଆସେ ସେ ବେଳ ଜାଣି ଯେ
ଯମୁନା ପିତା ଯେବେ ପାରିବୁ ଆଣି
ଯମୁନା ଭାତା ହାସେ ପଳାଏ ପୁଣି ଯେ । ୯ ।

Digitized by srujanika@gmail.com

ମର ଶରୀର ମର୍ତ୍ତେ ନୋହେ ଅମର
ମଲବା ପୂର୍ବୁ ରଢ ଶଣୀକୁ ଧର ଯେ ।
ମିଛ ଲକ୍ଷ୍ୟ ଭଜ ଗ୍ରନ୍ଥ ପଠଣ
ମୃତ ସଙ୍କଟ ମଧ୍ୟ ପାଇବୁ ତ୍ରାଣ ଯେ । ୧୦ ।
ଜନମରେ ଭ୍ରମନାହିଁ ମନ ଭ୍ରମର
ଭୂବନ ବସ୍ତୁ ବୃନ୍ଦ ଦେଖ ନଜର ଯେ ।
ଭବରୁ ଭବାର୍ଣ୍ଣବ କୃପୁଷ୍ଟ ହୋଇ
ଭବ ଚରଣେ ଭଜ ସୁନ୍ଦର ଧ୍ୟାୟୀ ଯେ । ୧୧ ।
କୃଷ୍ଣ ମଧ୍ୟରେ ଅଛୁ ସାତ ବକଳ
ବାଧି ମାଧବ ସ୍ମର ଭେଦ ସକଳ ଯେ ।
ବାସନା ବଳ ଥିଲେ ପାଇବୁ ଭେଦ
ଯୁକ୍ତି କୌଶଳ କଲେ ଲଭବୁ ସିଦ୍ଧି ଯେ । ୧୨ ।
ଫଳେ ଆଶା ତ୍ୟଜିଣ କଲେ ତୁ କର୍ମ
ଫଳରେ ହୋଇଯିବ ତୋ ମନ ଭ୍ରମ ଯେ ।
ଫସଲ ପୁଷ୍ପ ଦେଖ ନୋହୁଚ ନଷ୍ଟ
ଫୁଲ ଫୁଟିଲେ ଗନ୍ଧେ ହୋଇବ ତୁଷ୍ଟ ଯେ । ୧୩ ।
ଦର୍ପଣ ତତ୍ତ୍ୱ ସଙ୍ଗେ ଜାଣିବୁ ଭାବ
ପଞ୍ଚରେ କହିଲେ ସେ ଶୂନ୍ୟ ଠାବ ଯେ ।
ପାଞ୍ଚମନ ଏକତ୍ର କର ତୁ ଆଣି
ପ୍ରବଞ୍ଚନା ଛଳେ ପନ୍ଥେ ପାଇବୁ ଜାଣି ଯେ । ୧୪ ।
ନ ମାନୁ ମୂଢ଼ ମନ ଗୁରୁ ଗୌରବ
ନର୍ତ୍ତନ୍ତ କରୁଅଛୁ ବୃଥା ଗୌରବ ଯେ ।

Digitized by srujanika@gmail.com

ନେତ୍ର ଆହାର ଲାଗି ଜଗ ତାଳକୁ
ନଭମଣ୍ଡଳେ ଭେଟ ଶୂନ୍ୟ ବ୍ରହ୍ମକୁ ଯେ । ୧୫ ।
ଧ୍ୟାନ ଧାରଣା ବଳେ ତୋଡ଼େ ଅସାଧ୍ୟ
ଧନ୍ଦ ଘାବଲେ ହୁଏ ସହଜେ ସାଧ୍ୟ ଯେ ।
ଧରମ ଧନ ମିଳେ ଯାଇ ସେ ଭାଳେ
ଧ୍ରୁବ ଭାବନ ଯେ ନ ଧରେ ଭୌଣଳେ ଯେ । ୧୬ ।
ଘନ ବଳଦ୍ର ଠେହ୍ଲା ଭେଦ୍ଧ ନ ଯୋଗେ
ଘନ ଦଳଦ୍ର ମେଁ ସବଦା ମଟକ୍କୁ ଯେ ।
ଘନ ବସ୍ତ୍ରାଳ ପଡେ ନଦେଖି ମନ୍ଦୁ
ଦୁଃଖେ ନ ଭେଗି ଧନ ଲଭ ବନ୍ଧନ ଯେ । ୧୭ ।
ଅଙ୍ଗର କାଳ ହେଲେ ନୋକ୍ଷବୁ ଅସ୍ତ
ଅଙ୍ଗେ ବସ୍ତ୍ରର କର ଛୋର ଦୂଳସ୍ତୁ ଯେ ।
ଥାନ ସୁନ୍ଦରେ ଘନ ଯୋବନ ନାହିଁ
ଅସ୍ତ୍ର ନୋକ୍ଷବ ଘଟ ପିବ ମିଳାଇ ଯେ । ୮ ।
ଜନ ତମିସ୍ରା ଢାଙ୍କି ଅଛୁ ତୋ ଘନ
ତପନ ସତ୍ୟ ହେବେ ହୋଇଲେ ଲଗ୍ନ ଯେ ।
ଚାମରୀ ହେଲେ ଲଗ୍ନ ହେବ ଅଂଲଗ
ଚାପ ରୂପକ ଧ୍ୟାନେ ଦେଖ ଗୋବିନ୍ଦ ଯେ । ୧୯ ।
ଅକ୍ଷ ଅକ୍ଷର ମୂର୍ତ୍ତି ଅନୁପାନନ୍ଦ
ଅଣେଷ୍ଣ ଅଦ୍ଭୁତ ଖେଳେ ଆନନ୍ଦ ଯେ ।
ଅବହେଳା ନ କର ଚିତ୍ତୁ ଭୁ ବାରେ
ଅଙ୍ଗ ଅପୂର୍ବ ଦେଳେ ଲଙ୍କାର କର ଯେ । ୨୦ ।

Digitized by srujanika@gmail.com

ଡାକୁଣୀ ଫେର ଦେଖ ଶୂନ୍ୟ ମୂରତ
ଡଳ ଡଳ ପାରଦ ସ୍ୱରୂପ ଜ୍ୟୋତ ଯେ ।
ଡମ ପଣକୁ ରଖ କହୁଚ ଦୂରେ
ଡକାର ଆସିଗଲେ କେ ନୋହେ କାରେ ଯେ । ୨୧ ।
ଢାଳ ଖେଳଣ ଯେବେ ଶମନ ଦୂତ
ଢାଳ ଓସର ଢଳେ ନ ହେବୁ ସ୍ଥିତ ଯେ ।
ଢମ୍ବରୁଧର ପାଶେ ବସ ଢଗେକେ
ଢଗର ଦେଖି ଫେରିଯିବ ଯନ୍ତ୍ରିଳେ ଯେ । ୨୨ ।
ଠଳ ଶୂନ୍ୟରେ ଭାସ ଅରୂପ'ନନ୍ଦ
ଠିକ କର କହୁଛୁ ଚନ୍ଦ୍ର ଯୋଜନ ଯେ ।
ଠାବେ ଠାବେ ସକଳ ଘଟରେ ପୂର୍ଣ୍ଣ
ଠାଣି ସୁନ୍ଦର ଜାଣି ଶୁଦ୍ଧ ସୁବର୍ଣ୍ଣ ଯେ । ୨୩ ।
ଟାଣ ଅଟଳ ଲୌହଠାରୁ ଅଧିକ
ଟଳିବା ବେଳେ ଜଳ ବୁଦ୍‌ବୁଦ୍‌ ବେଶ ଯେ ।
ଟିକିଏ ନ ଛାଡ଼ିଲୁ ଧ୍ୟାନ ପରମ
ଟୋପେ ବିନ୍ଦୁରୁ କେତେ ହେଲୁ ଜନମ ଯେ । ୨୪ ।
ନନ୍ଦନା ପ୍ରେମେ କେତେ ହେଲା ଶୃଙ୍ଗାର
ନବ ଶରୀର କେତେ ହେଲା ସଞ୍ଚାର ଯେ ।
ନଶ୍ୱରେ ଭ୍ରମିଯାଞ୍ଚି ମନ ଦରିଆ
ନ ପାଇ ଅଳକୂଳ ହେଲୁ ହାଲିଆ ଯେ । ୨୫ ।
ଝସକେତନ ସଙ୍ଗେ ହେଲା ମିଳନ
ଝଗଡ଼ା କଲୁ ଭୃଙ୍ଗ ଶବଦ ଘନ ଯେ ।
ଝସକୁ ଜାଣି ଜଳେ କଲୁ ବିହାର
ଝଳ ହୋଇଲା ଅନୁଦିନ ଶରୀର ଯେ । ୨୬ ।

Digitized by srujanika@gmail.com

ଜଠର ଅଗି ତେଜେ ଜଳ ମଧ୍ୟରେ

ଜସ୍ଥୁ ମଧ୍ୟେ ସ୍ଥିର କେ ବେଳ ଘେରେ ।

ଜଡ଼ ସଦୃଶ ବୁଦ୍ଧି ସତ୍ତ୍ୱ ଲକ୍ଷଣ

ଜଗନ୍ନାଥ ସ୍ମରିଲୁ କର ହେ ତ୍ରାଣ ଯେ । ୨୭ ।

ଝମ୍ପା ପବାଡ଼ ଜ୍ୟୋତି କରି ଦର୍ଶନ

ଝଡ଼ କପଟ ତେଜି କଲୁ ବନ୍ଦନ ଯେ ।

ଝଡ଼ ଅଲରି ପ୍ରଭୁ କେଳି ମୁଁ କାଟି

ଝଦା ଚରଣ ସଦା ଥିବଇଁ ଲେଟି ଯେ । ୨୮ ।

ଟଙ୍କଧର ଟଙ୍କ ମୋ ଦୁରିତ ନାଶ

ଟଙ୍କଟର ଖଣ୍ଡରେ ଦଅନ୍ତୁ ବାସ ଯେ ।

ଟରିବ କ୍ଷୁଦ୍ରକରି ଟଉରେ ଟଙ୍କି

ଚରଣେ ଲୀନ ହେବ ତେଣୁ ଅବଶ୍ୟ ଯେ । ୨୯ ।

ଡୁଅଁ ଏ ନଶି ମଧ୍ୟେ ଚନ୍ଦ୍ର ଉଦୟ

ଡଙ୍କାର କଲେ ଜର ପଥ ନର୍ଣ୍ଣୟ ଯେ ।

ଢଳାଣି ବୁଡ଼ାଇଲେ ମଳୟ ବାତ

ଢବଳ ଜସ୍ପୁରୁ ଜଲେ ସମ୍ଭୂତ ଯେ । ୩୦ ।

ଣର ଗ୍ରୁଡ଼ଣ ଘୋର ମାୟା ଜଣରେ

ଘଣ୍ଟ ଘଣ୍ଟ ଉତ୍ପନ୍ନ ଦେଖିଲୁ ଜରେ ଯେ ।

ଘନଶ୍ୟାମ ନାହାନ୍ତ ଅଙ୍କ ତାପରେ

ବେଢ଼ଏ ମୁର୍ଚ୍ଛିଲେ ନ ଦେଖି ତାରେ ଯେ । ୩୧ ।

ଗର୍ଜିଲୁ କୁଆଁ କୁଆଁ ଶବଦ କରି

ଗଲ ଗର୍ଭବାସନ ହେ ଗ୍ରୁତକର ଯେ ।

Digitized by srujanika@gmail.com

ଗମ୍ଭୀର ବୃନ୍ଦାମଧ୍ୟେ ଗଲେ ସେ ଲୁଚି
ଗହନ ସ୍ଥାନ ଭର୍ତ୍ତି ରହିଲେ ବାନ୍ଧୁ ଯେ । ୩୨ ।
ଖୋଜ ଭୁ ଜ୍ଞନବସ୍ତ ଜାଳ ଗନ୍ତର
କ୍ଷଣିରୁ ବାହାରିବେ ସେ ଚକ୍ରଧର ଯେ ।
ଖଣ୍ଡିବେ ତୋର ଭବରସ୍ତୁ ପ୍ରମାଦ
ଶର ନିଃଶ୍ୱାସ ବେଳେ ହୋଇବୁ ମୋକ୍ଷ ଯେ । ୩୩ ।
କହରି କୀର୍ତ୍ତନ ସ୍ୱହାସ୍ତ ଅବ୍ୟର୍ଥ
କମଳ ପଦ ଧ୍ୟାୟୀ ଶ୍ରୀ ଗୁରୁ ଦେବ ଯେ ।
କରୁଣା କରି ତୋତେ ଦେବେ ସଦ୍‌ଗତି
କୃପା ଲକ୍ଷଣ ବାରେ ହେବୁ ମୂକତ ଯେ । ୩୪ ।

Digitized by srujanika@gmail.com

ଅଣାକାର ଭଜନ

ଅଣଆପ୍ତ ନୁହେଁ ଅବୁଝା ମନ
ଅଣାକାରକୁ ଲକ୍ଷ୍ୟ କର ବନ୍ଦନ ଯେ ।
ଅମୃତ ସ୍ରବୁଅଛି ଶୂନ୍ୟ ମଣ୍ଡଳ
ଅରୂପ'ନନ୍ଦ ଗୁରୁ ବଡ଼ ଦୟାଳୁ ଯେ । ୧ ।
ଆଶା ଭରସା ତୋ'ହ ସବୁରି ଘଟେ
ଆକାଂକ୍ଷା ପୂର୍ଣ୍ଣ ହେବ ତାଙ୍କ ନିକଟେ ଯେ ।
ଆଧ୍ୟାତ୍ମ୍ୟ ତତ୍ତ୍ୱ ସବ ତତ୍ତ୍ୱ ମଧ୍ୟରେ
ଆସିବା ଯିବା ଶ୍ରମ ଦବାନଳିରେ ଯେ । ୨ ।
ଇଙ୍ଗଳା ଈଶୁମ୍ନା ପିଙ୍ଗଳା ନାଡ଼ି
ଇଛ ମଧ୍ୟରେ ହେବା ନା ଛଡ଼ାଇବ ଯେ ।
ଇଚ୍ଛା ମାନଙ୍କେ ଧର ଭଏ ବହନ
ଇଷ୍ଟ ପୂରଣ କଲେ ସମ ଇନ୍ଧନ ଯେ । ୩ ।
ଈଶ ପ୍ରସନ୍ନ ହେଲେ ତୁଟିବ ମାୟା
ଈଶର ଦୃଷ୍ଟି ଦେଇ ଦେଖ ତୋ ଗୁସ୍ତା ଯେ ।
ଈଶ୍ୱର ଲୀଳା ଦେଖ ଶୂନ୍ୟ ମଣ୍ଡଳେ
ଈଙ୍କାର ସ୍ୱନେ ଉର୍ଦ୍ଧ୍ୱ ମଗଜ ଖେଳେ ଯେ । ୪ ।
ଉଡ଼ାଣି ବଡୁଅଛି ପ୍ରାଣ ପବନ
ଉଲଟ ଦୃଷ୍ଟି କର ବାନ୍ଧ ବନ୍ଧନ ଯେ ।
ଉକାର ମ'କାରରେ ମିଶା ଅକାର
ଉଦାର ନ ରହିବ ତ୍ରିକୂଟ ଦ୍ୱାର ଯେ । ୫ ।

Digitized by srujanika@gmail.com

ଉନପଞ୍ଚାଶ ଝଞ୍ଜା ବାତ ବଜ୍ରକ
ଉଲଟ ବୃକ୍ଷଗୋଟି ଉପୁଡ଼ି ଯିବ ଯେ ।
ଊରମ ଗୁରୁ ପାଦେ ଲାଗି ତୁ ଲମ୍ବ
ଊଷତ ନ ହୋଇଣ ହୋଇବୁ ଥମ୍ବ ଯେ । ୬ ।
ଋଷ୍ଟପୁଷ୍ଟ ଅବବ ଶୁଣ ତୋ ଘଟ
ରୂପ ପରିବର୍ତ୍ତନ ସବୁରି ଅଟେ ଯେ ।
ୠପ ମୋହରେ ରହ ନାହିଁ ନିଶ୍ଚଳ
ଋଷ ବାତ ଅସ୍ଥିର କର କୌଶଳେ ଯେ । ୭ ।
ଌଟି ରହିଛି ଯମ ଲୋମକୂପରେ
ଲୁଚକାଳି ଖେଳୁଛି ଜୀବ ସଙ୍ଗରେ ଯେ ।
ଲଜ୍ଜା ଶିକୁଳି ଧରି ନେବ ସେ ବାନ୍ଧି
ଲୁହ ଝରୁଥିବେ କୁଟୁମ୍ବେ କାନ୍ଦି ଯେ । ୮ ।
ଏସନ ଭବାର୍ଣ୍ଣବୁ ହେବାକୁ ପାର
ଏଥେ ତରଣି ନାମ ଜପ ସତ୍ୱର ଯେ ।
ଏ ବେଳେ ମିଳିଯିବ ଆସି ନାଉରୀ
ଏକାକ୍ଷରକୁ ଭଜ ଗୁରୁ ପଦ୍ମର ଯେ । ୯ ।
ଐଶ୍ୱର୍ଯ୍ୟ ଧନ ଜନ କୁଟୁମ୍ବ ଦାସ
ଐଶ୍ୱରତ ସଦୃଶ ବଢ଼ ତୋ ଯଶ ଯେ ।
ଐଶ୍ୱରିକ ଶକତି ବଢ଼ ଅଚଳ
ଐଭଦାସ ସୁମର ନ ବଳା ଚଞ୍ଚ ଯେ । ୧୦ ।
ଓଁକାରପ୍ରେ'ତ ସଙ୍ଗ ଆଶ୍ରୟା ବଶ
ଓଜସ୍ୱିମା ଶକ୍ତିକୁ କର ତୁ ତୋଷ ଯେ ।

Digitized by srujanika@gmail.com

ଓଢର ଯାଅବାନ୍ତିଁ ତୁ ଝଟ ଚାଲି
　　ଓଜସ୍ୱି ଦେଖି ତୋଷ ସେ ମହାମାୟୀ ଯେ । ୧୧ ।
ଔଚିତ୍ୟ ଧର୍ମ ଏହୁ ଅଟେ ଶାହର
　　ଔଜ୍ଜଲ୍ୟ ହେଉଥାଏ ସେ ବାରମ୍ବାର ଯେ ।
ଔଙ୍କ ତୁଅଇ ଜାତ ଔଦ୍ଧତ୍ୟ ଯୋଗୁ
　　ଔଦାର୍ଯ୍ୟ ଲଭ ନକରି ଭୂପସରୁ ଯେ । ୧୨ ।
କମଳାକାନ୍ତ ଚବେ କର ତୁ ଲକ୍ଷ୍ୟ
　　କମଳାସନ ହେବେ ତୋତେ ସଦୟ ଯେ ।
କମଳ ସମ୍ଭବଲେ ଭେଟିବୁ ଯାଇ
　　କମଳମୁଖୀ କମଳା ମାଧବ ତହିଁ ଯେ । ୧୩ ।
ଖଞ୍ଜା ଅଟ୍ଟି ପଞ୍ଜର ମାଉଁସ ମେଦ
　　ଖଞ୍ଜା ବେଷ୍ଟିତ ତହିଁ ନଥାଏ ଭେଦ ଯେ ।
ଖଞ୍ଜନ ପକ୍ଷୀ ମଡ଼ ରଚନ୍ତି ତହିଁ
　　ଖର ସେ ଯନେ ଉଡ଼ ଯିବ ପଳାଇ ଯେ । ୧୪ ।
ଗଣ୍ଡଏକ ବସିଛୁ ବୈକୁଣ୍ଠ ପରେ
　　ଗନ୍ଧାଇତ ପ୍ରହଣ ସମ୍ଭୁ ସେଠାରେ ଯେ ।
ଗମନ କର ତହିଁ ଗାରିମା ନେଇ
　　ଗଞ୍ଜି ଖେଷେ ଗଞ୍ଜଣା ଯେତେ ନ ପାଇ ଯେ । ୧୫ ।
ଘନରୁ ଉତ୍ପନ୍ନ ଯେ ଘନରସ
　　ଘନଶ୍ୟାମ ସକଳ ଘଟେ ପ୍ରକାଶ ଯେ ।
ଘଣ୍ଟି ଘନଘନ ହୁଏ ବଦଳ
　　ଘଟ ଅକାଶ ଘନଶ୍ୟାମ ନିଶ୍ଚଳ ଯେ । ୧୬ ।

Digitized by srujanika@gmail.com

ଙ୍ଗତ ନ୍ୟାୟ ମାର୍ଗେ ଚଳ ତୁ ମନ
ଙ୍କଷ୍ଟ ହୃଦଲିପ ଅସ୍ତ୍ର ଇ ସମ ଯେ ।
ଙ୍ଗାସ୍ତ ଫର୍ଣ୍ଣ ବ୍ରତ କେତେ ସେ କଲେ
ଙ୍କାର ହୋଇ ଭବସାଗରୁ ଗଲେ ଯେ । ୧୭ ।
ଚଞ୍ଚଳ ଚିତ୍ତ ସଦା ଲୀଳ ଭ୍ରମର
ଚଞ୍ଚଳ ଶୁଦ୍ଧ କର ଚିତ୍ତକୁ ମାରି ଯେ ।
ଚରମ ସୀମା ଲଭ ଚର୍ମ ଶରୀରେ
ଚନ୍ଦ୍ରଧର ନାଶନ୍ତ୍ର ଅଗ୍ନି ଚକ୍ରରେ ଯେ । ୧୮ ।
ଛଇଳ ନାସ୍ତ ପ୍ରେମେ ଯାଇଣ ମଜ୍ଜି
ଛନ୍ଦ କପଟ କେବେ ନ ପାରୁ ଛେଜ ଯେ ।
ଛକାପଞ୍ଝାରେ କର ତୁ କାରବାର
ଛଦା ଚରଣେ ଧାପୁ ତୁ ନିରନ୍ତର ଯେ । ୧୯ ।
ଜନମ ଜାତ୍ରୁ ସ୍ତ୍ରୀ ଜସ୍ତୁସ ଯାଏ
ଜନାର୍ଦ୍ଦନ ଚରଣେ ନ କଲୁ ଲକ୍ଷ୍ୟ ଯେ ।
ଜଗ ଗ୍ରାସିବ ପୁଣି ହେବୁ ସ୍ଥାବର
ଜନ୍ତୁପଣକୁ ଟଳେ କାହିଁ କ ଡର ଯେ । ୨୦ ।
ଝରଣା ଜଷ୍ଠ ନ ପାରିବୁ ବନ୍ଧାଇ
ଝଗଡ଼ା ଭଲେ ନଷ୍ଟେ ଭ୍ରାଙ୍ଗିବ ଧାଇ ଯେ ।
ଝରକୁ ଛାଡ଼ ଧୀରେ ଚଳନ୍ତା ପଥ
ଝଞ୍ଜା କହିଲେ ହେବୁ ଅଣଆସ୍ତୁଳ ଯେ । ୨୧ ।
ଞ୍ଚ ନସ୍ତ୍ରମ ପୂର୍ଣ୍ଣ ଏକ୍ସ ଭକ୍ତର
ଞ୍ଚ ଦୁଃଖେ ହେବ ତା ନାରଖାର ଯେ ।

Digitized by srujanika@gmail.com

ଞାନାତ୍ମ ନାଥ କହୁ ଛନ୍ତି ବିହାର
ଞାନ ଜନକ ରୂପ କି ମନୋହର ଯେ । ୨୨ ।
ଟସର ସୂତା ସମ ନର ଶରୀର
ଟସର ମାଳ ସୂତା କର ବାହାର ଯେ ।
ଟକଟକ ନ ହୁଅ ଟଳା ମନ
ଟଳ ଚଢ଼ିଲେ ହେବ ତୋ ହତଜ୍ଞାନ ଯେ । ୨୩ ।
ଠକସାଇଣ ଠାବ କର ଠାକୁର
ଠଣସ୍ୱନ୍ଦର ମୂର୍ତ୍ତି କି ମନୋହର ଯେ ।
ଠକାଠକ ଦଅଁରେ ନ ବଳା ମନ
ଠକିଯିବୁଟି ଗ୍ରାଢ଼ଗଲେ ପକ୍ଷଣ ଯେ । ୨୪ ।
ଡଗର ଅସିଗଲେ ଜନ୍ତୁସଜର
ଡକ୍ଷକ ଗ୍ରାଢ଼ିଯିବ ଚବ ହୁଦର ଯେ (ଶଙ୍କର ଯେ) ।
ଢହଳଢାଳଲେ ସେ ଯୋନଣ ଯିବ
ଢକା ଗ୍ରାଢିଲେ ଡ'କ ସେ ନ ଶୁଣିବ ଯେ । ୨୫ ।
ଢମଫଣ ତୋହର ଯିବ ମିଳାଇ
ଢକାବାଦ୍ୟେ ଶଙ୍ଖାନେ ନେବେଟି ବନ୍ଧୁ ଯେ ।
ଢଳ ଢଳ ଲୋଚନ ତୋ ଡାଗ୍ର ସୂତ
ଢବା ସ୍ୱମନ୍ତୁଥିଙ୍କ ଚଳ ନିର୍ମିତ ଯେ । ୨୬ ।
ଣବ୍ରଣ ବନ୍ଧିଲେ ହେବ ପ୍ରଳୟ
ଣଧୋପୂର୍ଣ୍ଣ କେବେ ବାଧ୍ୟ ଚନୟୁ ଯେ ।
ଣକ୍ଷେଳା ନ କର ବେଳହୁଁ ଭଜ
ଣବାଗ୍ରଥା ପଣ ସନ୍ତ୍ରେ ବେଳ ଯେ । ୨୭ ।

Digitized by srujanika@gmail.com

ତପ ତରୁଣ କାଳେ କର ତପସ
ତରୁଣୀ ଥିଲେ ତୋଳେ ନ ଲଗେ ହାସ ଯେ ।
ତଟିନୀ ତଟ ଲଙ୍ଘି ଆସିଲେ ଘର
ତତକ୍ଷଣେ ସନ୍ଥକ ସୁନା ସଂସାର ଯେ । ୨୮ ।
ଥକା ହୋଇଣ କେବେ ସ୍ଥିରେ ନ ବସ
ଥଇଥାନ ନ ହେବ ତୋହର ବାସ ଯେ ।
ଥଟା କର ଥଣ୍ଡିଆ ମାର ସେ ନେବ
ଥପଥପ ଲେଉକ ତୋ ବନ୍ଧୁଥିବ ଯେ । ୨୯ ।
ଦର୍ପଦଳନ ହେବ ଦଣ୍ଡିଆ ମଧ୍ୟ
ଦଣ୍ଡଧରର ଦଣ୍ଡ ବଡ଼ ପ୍ରମାଦ ଯେ ।
ଦଇବ ଦେଲା ଦଣ୍ଡ ବୋଲିବୁ ମନେ
ଦନ୍ଧା ନ ଥାଏ ତାର ତ୍ରିଭୁବନେ ଯେ । ୩୦ ।
ଧନ ବାସ ତନୟ କୁଟୁମ୍ବମୟ
ଧନ ପ୍ରକୃତ କଏ କର ନିର୍ଣ୍ଣୟ ଯେ ।
ଧରମ ପଥ ତୁଲେ ବିଶେଷ ଧନ
ଧକା ଦେଇଣ ବସ୍ତୁ ଯାଆନ୍ତି ଯେନ ଯେ । ୩୧ ।
ନଦନଦୀ ଶକ୍ତର ଅଟେ ନଶ୍ୱର
ନବରଙ୍ଗେ ସଜାଉ ତୁ ନିରନ୍ତର ଯେ ।
ନବ ଦୁଆର ତନ୍ତ୍ରି ପୃଷ୍ଠା ଗୌରବ
ନବରସ ତୋ ଗୁଞ୍ଜପିବ ବୈଭବ ଯେ । ୩୨ ।
ପରମବ୍ରହ୍ମ ଛନ୍ତି ଏ ତୋର ଦେହେ
ପଲକ ନ ପକାଇ ଦେଖ ତୁ ସ୍ନେହେ ଯେ ।

Digitized by srujanika@gmail.com

ପରଲୋକେ ଯଦ୍ୟପି ହେବ ସଦ୍‌ଗତି
ପରମ ଗୁରୁ ପଦେ ଭକ୍ତି ନୁ ମତି ଯେ । ୩୩ ।
ଫନ୍ଦା ଫାନ୍ଦରେ ମନ ବାନ୍ଧିଛୁ ଯେତେ
ଫଳ ଯେ ନ ଫଳିବ ତା କଦାଶ୍ଚିତେ ଯେ ।
ଫଣି ଫଣାକୁ ଲଘୁ ରଖ ସତତ
ଫଲଗୁ ନଦୀ ଧାର ବହେ ନିରତ ଯେ । ୩୪ ।
ବଇବସ୍ୱତ ବଳ ସମ ଟାଣଛୁ
ବନଚର ଯେସନେ କୁରଙ୍ଗ ଇଛୁ ଯେ ।
ବଧ କରିବା ପାଇଁ ସଦା ଉଦ୍ୟତ
ବନମାଳି ପଦୁରେ ଦଣ୍ଡ ବୁ ରାଜି ଯେ । ୩୫ ।
ଭକ୍ତି ଭୟରେ ଭକ୍ତ କେବେ ନ କରେ
ଭବ ଦୁଃଖରେ ଭଗବାନ ସୁମରେ ଯେ ।
ଭୟ ନ କର କର ଥାଏ ଭରସା
ଭକ୍ତ ବଳେ ଭଗାଶ୍ୱ ହୁଏ ନିବଶା ଯେ । ୩୬ ।
ମଦ, ମାତ୍ସର୍ଯ୍ୟ, ମୋହ, ମାୟା ଯେତେ
ମଦନ ମନ୍ଦିରକୁ ଗୁଣ୍ଡ ଭିଦିଲେ ଯେ ।
ମଧୁର ମନୋହର ମୁରଲୀଧର
ମଞ୍ଜୁ ମଞ୍ଜୀର ପଦ ଦେଖ କ ଭ୍ରମ ଯେ । ୩୭ ।
ଯମୁନା ନଦୀ ଘାରେ ଯଶୋଦ ସୁତ
ଯଦୁପତି ମୁରଲୀ ବାଏ ସତତ ଯେ ।
ଯେବେ ତୁ କରୁ ଧ୍ୟାନ ତାହାଙ୍କୁ ବସି
ଯଶ ଲଭିବୁ ସଦା ହେବୁ ଯଶସ୍ୱୀ ଯେ । ୩୮ ।

Digitized by srujanika@gmail.com

ରକତ ବର୍ଣ୍ଣ ରବ ହେବେ ଉଦୟ
ରତ୍ନକରେ ଯୋଚତ ସ୍ୱପଚ ତତ୍ତ୍ୱ ଯେ ।
ରମାରମଣ ପଦେ ଲୋଟିଣ ଯିବୁ
ରଙ୍କ ନ ହୋଇ ରଥଯାତ୍ରା ଦେଖିବୁ ଯେ । ୭୯ ।
ଲଗନା ଆସିଥିଲୁ ଯିବୁ ଲଙ୍କା
ଲଙ୍ଘ ଅଲଙ୍ଘ ପଥ ହୋଇବା ଭୁଲା ଯେ ।
ଲବଣ ଯେସନେ ଜଳେ ଯାଏ ମିଳାଇ
ଲବଣୀ ଯିଭୂଳା ତୋ ତେସନ ହୋଇ ଯେ । ୮୦ ।
ବସୁସ ବଣ୍ଡ ସ୍ଥାନ ନ ମାନେ ଯମ
ବନ୍ଧି ପରଶେ ଟାଣ ନରମ ସମ ଯେ ।
ବଗିଚ୍ଛ ମଧ୍ୟେ ଯେସନେ ଉଦ୍ଭଧ ପୁଷ୍ପ
ବଢ଼ ବଢ଼ାସ ହେଲେ ନୁହେଁ କ ନାଶ ଯେ । ୮୧ ।
ସବୁଧା କରୁଥାଉ ଯେଉଁ ଶରୀର
'ଶବ ଶକୁନ ଶ୍ୱାନ ଶୃଗାଳ ଦ୍ୱାର ଯେ ।
ସତ ସତ ଶରୀର ଦେଖନ୍ତୁ ଚିହ୍ନି
ଶମ୍ଭା! ସଦୃଶ ଘଟେ ଯାଏ ମିଳାଇ ଯେ । ୮୨ ।
ସଙ୍ଗ ବର୍ଣ୍ଣନ ପଢ଼ି କର ବସ୍ତୁର
ଷଡ଼ ଅରିକୁ ଛାଡ଼ି କର ଭୁ ଦୂର ଯେ ।
ଷଡ଼ ରସନେ ଶ୍ରଦ୍ଧା ନ କଲା କେବେ
ଷଟ କର୍ମରେ ମନ ନଟକେଣ ଏବେ ଯେ । ୮୩ ।
ସଙ୍କଟା ଶେଷ ହେଲେ ସବକ ଦ୍ୱାଠ
ସନ୍ଥ ଜନଙ୍କ ସଙ୍ଗ ସଭୁର ଭେଟ ଯେ ।

Digitized by srujanika@gmail.com

ସନ୍ଧ୍ୟା ହେଲେ ତାମସି ଆସିତ ଘୋଟି
ସଞ୍ଜଳ ସଜଳର ପସରା ଗୋଟି ଯେ । ୪୪ ।
ହରିହର ହୋଇବୁ ସବୁଲେ ହାଠ
ହଠ ଚମତ୍କେ ଉଡ଼ ନ କର ନାଠ ଯେ ।
ହଜାର ହଜାର ଏଥି ଗଲେଣି ହାରି
ହର ଗୌଣ ଦେବେ କର ଗୁହାସ୍ତ ଯେ । ୪୫ ।
କ୍ଷମା କରିବେ ସେହୁ ସ୍ଥୂଳସୂକ୍ଷ୍ମ
କ୍ଷପ୍ର ଈଶ୍ୱର ଗୋଟି ନୋହେ କାହାର ଯେ ।
କ୍ଷମତା କଳସ୍ପର୍ଯ୍ୟ ଈଶ୍ୱର ଯିବ
କ୍ଷତ୍ରିଣୀ ସୈନ୍ୟ ହେଲେ କେ ନ ରକ୍ଷିବ ଯେ । ୪୬ ।
ଅନୁସ୍ୱାର ନାମଟି ଶୂନ୍ୟ ମଣ୍ଡଳ
ଅନୁସ୍ୱାର ବେଷ୍ଟିତ ଖ, ଜଳ ସ୍ଥଳ ଯେ ।
ଅନୁସ୍ୱାର ସ୍ୱଳିତ ଶୂନ୍ୟ ବ୍ରହ୍ମରୁ
ଅନୁସ୍ୱାର ବିଷର ଜଗତ ସୃଷ୍ଟ ଯେ । ୪୭ ।
ଈଶ୍ୱର କରତା ଭୂତ ମଧ୍ୟରେ
ଉତ୍ପତ୍ତି କରେ ଯେହ୍ନେ ଦେଖ ନେତ୍ରରେ ଯେ ।
ଉକ୍ତ ଦାନ ଯଜ୍ଞର ପୂଜା ପ୍ରକାଶେ
ଉତ୍ସର୍ଗ ତ୍ୟାଗ ଯେହ୍ନେ ବିସର୍ଗଃ ଭ୍ରଂଶେ ଯେ । ୪୮ ।
ଉଲଟ ବୃକ୍ଷ ମଧ୍ୟେ ଯେ ଅର୍ଦ୍ଧମାତ୍ରା
ଉତ୍ପତ୍ତି ଭ୍ରୂରୁ ମଧ୍ୟେ ଯେ ବିନ୍ଦୁ ସ୍ଥିତା ଯେ ।
ଉଲଟାଇ ତୋଳାକୁ କରିଲେ କାର୍ଯ୍ୟ
ଓଙ୍କାର ହେବୁ କହେ କାର୍ତ୍ତିକାଚାର୍ଯ୍ୟ ଯେ । ୪୯ ।

Digitized by srujanika@gmail.com

ଟୀକା—ଉପସର୍ଗ, ଉପଦ୍ରବ । ଔଦ୍ଧ—ବଳବାନ । ଔଦାର୍ଯ୍ୟ—ଉଦାର । ଖଞ୍ଜ—ଛୋଟ । ତଟା—କୋଠାଘର, ଅଟ୍ଟଘର । ବନଚର—ବ୍ୟାଧ । ମଦନ ମନ୍ଦର—ସୁବର୍ଣ୍ଣଙ୍କର ଭୃତ । ଷଟ୍‌କର୍ମ—ଯଜନ, ଯାଜନ, ଅଧ୍ୟୟନ; ଅଧ୍ୟାପନ, ଦାନ, ପ୍ରତିଗ୍ରହ । ଷଡ଼ରସ—ମଧୁର, ତିକ୍ତ, କଷାୟ, ଲବଣ ଅମ୍ଳ, କଟୁ । ଷଡ଼ଅରି—କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ । ଋଣ—ପିତୃ, ଦେବତା, ଋଷି, ନର, ଭୂଣ ।

—ସମାପ୍ତ—

ମୁଦ୍ରାକର—ଶ୍ରୀ ରାମଚନ୍ଦ୍ର କର, ସାରସ୍ୱତ ପ୍ରେସ, କଟକ-୧

Digitized by srujanika@gmail.com

ଲେଖକଙ୍କର ଆଉ କେତୋଟି ଯୁଗୋପଯୋଗୀ ଉପାଦେୟ ପୁସ୍ତକ

୧ । ଆଧୁନିକ ଯୁଗଧର୍ମ ଗୀତା ଟ୧୨-୦୦

୨ । ଚନ୍ଦ୍ରଭାଗା ସ୍ୱୟମ୍ବର କାବ୍ୟ ଓ କୋଣାର୍କ ମହିମା ଟ ୩-୬୦

୩ । ତ୍ୟାଗଯୋଗ ଟ ୧-୫୦

୪ । ବୈତରଣୀ ଓ ବିରଜା ଟ ୨-୫୦

୫ । ନୈମିଷାରଣ୍ୟ କାବ୍ୟ ଟ ୩-୭୫

୬ । ଚଇତନ ଚଉତିଶା ଟ ୦-୪୦

୭ । ଷଡ଼ଚକ୍ର ଭଜନ ଟ ୦-.୦

୮ । ଲକ୍ଷେଶ୍ୱର ଚଉତିଶା ଟ ୦-୨୫

୯ । ସ୍ୱାଧୀନ ଭାରତ ଟ ୦-୨୦

୧୦ । ସ୍ୱକନ୍ଦା ଉନ୍ନତ ଯୋଜନା ଟ ୦-୨୫

୧୧ । ଭଗଦେବ (ଅଟକ ଗୀତ)

୧୨ । କଳ୍ପନା ତରଙ୍ଗ (ଅପ୍ରକାଶିତ)

୧୩ । ତତ୍ତ୍ୱଚିନ୍ତାମଣି ଟ ୫-୨୫

୧୪ । ଶ୍ରୀମଦ୍ ଭାଗବତ ତତ୍ତ୍ୱ ଟ୧୦-୨୫

୧୫ । ସ; ଲୋକାନୁପ୍ରାପ୍ତ ସାହିତ୍ୟ (ଅପ୍ରକାଶିତ)

୧୬ । ବସ୍ତୁକଳ୍ୟାଣ

୧୭ । ଯୌତୁକ ପ୍ରଶ୍ନ ସମ୍ବନ୍ଧରେ ଦାବି ।

Digitized by srujanika@gmail.com